## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ୪୯ତମ ସାରସ୍ୱତ ଭକ୍ତ ସମ୍ମିଳନୀ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଘାଟିକିଆ, ସକାଳ ୫ଟା।
- ଶତଭିଷାର ରଜତ ଜୟନ୍ତୀ ସମାରୋହ ଅବସରରେ ପୁସ୍ତକ ଲୋକାର୍ପଣ, ସୂଚନା ଭବନ, ପୂର୍ବାହ୍ନ ୧୦ଟା।
- ଇଟିକିଲି ମିଟିକିଲିର ରୌପ୍ୟଜୟନ୍ତୀ ସମାରୋହ ରାଜ୍ୟସ୍ତରୀୟ ପ୍ରତିଯୋଗିତା, ରୟାଲ ହାୟର ସେକେଣ୍ଡାରୀ ହାଇସ୍କୁଲ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ପୂର୍ବାହ୍ନ ୧୦ଟା ୩୦।
- ଓୟୁଏଟିର ୩୯ତମ ସମାବର୍ତ୍ତନ, ଓୟୁଏଟି ପରିସର, ପୂର୍ବାହ୍ନ ୧୧ଟା।
- ନ୍ୟାଶନାଲ ଏଜୁକେଶନ ଟ୍ରଷ୍ଟର ୧୯ତମ ରାଜ୍ୟସ୍ତରୀୟ ଟାଲେଣ୍ଟ ସର୍ଚ୍ଚ ପ୍ରୋଗ୍ରାମ 'ଶିଶୁ କିଶୋର ପ୍ରତିଭା ଅନ୍ୱେଷଣ-୨୦୨୨', ଭଞ୍ଜକଳା ମଣ୍ଡପ, ଅପରାହ୍ନ ୪ଟା।
- ଓଡ଼ିଆ ଚଳଚ୍ଚିତ୍ରରେ ବୋଲାଯାଉଥିବା ଲଘୁ ଶାସ୍ତ୍ରୀୟ ସଙ୍ଗୀତର ଏକ ମନୋଜ୍ଞର ଶୀତୁଆ ଆସର 'ମାଗେ ମେଲାଣି', ସୂଚନା ଭବନ, ସନ୍ଧ୍ୟା ୬ଟା।
- ଶ୍ରୀ ଶ୍ରୀମତ୍ ସ୍ୱାମୀ ସ୍ୱରୂପାନନ୍ଦ ପରମହଂସ ଦେବଙ୍କ ଜନ୍ମୋତ୍ସବ, ଭୁବନେଶ୍ୱର ଅଖଣ୍ଡ ମଣ୍ଡଳୀ, ପ୍ଲଟ ନଂ. ୧୭୮, ୟୁନିଟ୍-୯, ସନ୍ଧ୍ୟା ୭ଟା।

କଟକ
- ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଆଦି ନାଟ୍ୟକାର ସ୍ମୃତି ସଂସଦ ଆନୁକୂଲ୍ୟରେ ଜଗନ୍ମୋହନ ଲାଲଙ୍କ ୧୦୯ତମ ସ୍ମୃତି ଉତ୍ସବ, ଶ୍ରୀରାମଚନ୍ଦ୍ର ଭବନ, ସନ୍ଧ୍ୟା ୬ଟା।

ତିଗିରିଆ
- ଜିଲାପାଳଙ୍କ ଜନଶୁଣାଣି ଶିବିର, ପଞ୍ଚାୟତ ସମିତି କାର୍ଯ୍ୟାଳୟ, ପୂର୍ବାହ୍ନ ୧୧ଟା

# ୬ ବର୍ଷର ରେକର୍ଡ ଭାଙ୍ଗିଲା ନନ୍ଦନକାନନ

## ବୁଲିଲେ ୪୬ ହଜାର ପର୍ଯ୍ୟଟକ

ବାରଙ୍ଗ,୨୫।୧୨(ଡି.ଏନ୍.ଏ.)

ବଡ଼ଦିନ ଅବସରରେ ନନ୍ଦନକାନନକୁ ବହୁ ପର୍ଯ୍ୟଟକଙ୍କ ଆଗମନ ହୋଇଥିଲା, ଯାହା ୬ ବର୍ଷର ରେକର୍ଡ ଭାଙ୍ଗିଛି। ରବିବାର ବଡ଼ଦିନ ପଡ଼ିଥିବାରୁ ସକାଳୁ ସକାଳୁ ନନ୍ଦନକାନନରେ ଭିଡ଼ ଆରମ୍ଭ ହୋଇଯାଇଥିଲା। ପର୍ଯ୍ୟଟକ ବିଭିନ୍ନ ପ୍ରାଣୀଙ୍କୁ ଦେଖିବା ସହ ବ୍ୟାଟେରିଚାଳିତ ଗାଡ଼ି, ଶିଶୁ ରେଳଗାଡ଼ି, ସଫାରି, ମାଛଘର, ମ୍ୟୁଜିୟମ୍‌କୁ ଦେଖିବା ପାଇଁ ଲମ୍ବାଧାଡ଼ି ଲଗାଇଥିଲେ। ପୂର୍ବରୁ ନନ୍ଦନକାନନ ପକ୍ଷରୁ ପର୍ଯ୍ୟଟକଙ୍କ ସୁବିଧା ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ଯାନବାହନ ନିୟନ୍ତ୍ରଣ ପାଇଁ ଟ୍ରାଫିକ ପୋଲିସ ଓ ନନ୍ଦନକାନନ ସୁରକ୍ଷା କର୍ମୀଙ୍କୁ ମୁତୟନ କରାଯିବା ସହ ନନ୍ଦନକାନନ ଥାନା ପୋଲିସ ଭିଡ଼ ନିୟନ୍ତ୍ରଣ କାର୍ଯ୍ୟରେ ଲାଗିଥିଲେ। ପ୍ରବେଶ ପଥରେ ଅଧିକ ୨ଟି ଗେଟ୍ ଖୋଲାଯାଇଥିଲା। ଚଳିତବର୍ଷ ବଡ଼ଦିନରେ ନନ୍ଦନକାନନକୁ ୪୬ ହଜାର ୧୪୮ ପର୍ଯ୍ୟଟକ ବୁଲିବାକୁ ଆସିଥିଲେ। ସେମାନଙ୍କ ମଧ୍ୟରେ ଅଫ୍‌ଲାଇନରେ ୪୨,୫୭୧ ଜଣ ଓ ଅନ୍‌ଲାଇନରେ ୩,୫୭୭ ପର୍ଯ୍ୟଟକ ଟିକେଟ କରିଥିବା ଜଣାପଡ଼ିଛି। ଗତବର୍ଷଠାରୁ ଏ ବର୍ଷ ୨୬ ହଜାର ୧୩୫ରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ ନନ୍ଦନକାନନ ଆସିଥିଲେ।



ସେହିଭଳି ବଟାନିକାଲ ଗାର୍ଡେନକୁ ଚଳିତବର୍ଷ ବଡ଼ଦିନରେ ୫ହଜାର ୩୫୮ ଜଣ ପର୍ଯ୍ୟଟକ ଆସିଥିବାବେଳେ ଗତବର୍ଷ ବଡ଼ଦିନଠାରୁ ୪ହଜାର ୩୦୯ରୁ ଊର୍ଦ୍ଧ୍ୱ ଆସିଥିଲେ। ତେବେ ୨୦୧୬ ବଡ଼ଦିନରେ ୪୦ହଜାର ୭୮ ଜଣ, ୨୦୧୭ରେ ୨୩ ହଜାର ୬୨୮, ୨୦୧୮ରେ ୩୪ ହଜାର ୯୧୪, ୨୦୧୯ରେ ୨୯ ହଜାର ୭୦୧, ୨୦୨୦ରେ ୬ ହଜାର ୭୬୯ ଏବଂ ୨୦୨୧ରେ ୨୦ ହଜାର ୧୩ ପର୍ଯ୍ୟଟକ ନନ୍ଦନକାନନକୁ ଆସିଥିଲେ। ବଡ଼ଦିନରେ ଶିଶୁ ରେଳଗାଡ଼ିରେ ୮୧୧ ଜଣ ପର୍ଯ୍ୟଟକ ବୁଲିଥିବା ଉପନିର୍ଦ୍ଦେଶକ ସଞ୍ଜିତ୍ କୁମାର କହିଛନ୍ତି। ତେବେ ସମସ୍ତ ବ୍ୟବସ୍ଥା ସତ୍ତ୍ୱେ ନନ୍ଦନକାନନରେ ପକେଟ୍‌ମାରଙ୍କ ଦୌରାତ୍ମ୍ୟ କମ୍ ନ ଥିଲା। ପର୍ଯ୍ୟଟକଙ୍କ ଗହଳିର ସୁଯୋଗ ନେଇ ଅନେକଙ୍କ ମୋବାଇଲ ସହିତ ମହିଳାଙ୍କ ଭ୍ୟାନିଟିରୁ ସୁନା ଅଳଙ୍କାର ଓ ଟଙ୍କା ଚୋରି ହୋଇଥିବା ବହୁ ପର୍ଯ୍ୟଟକ ଗେଟ୍ ଦାୟିତ୍ୱରେ ଥିବା ସୁରକ୍ଷାକର୍ମୀଙ୍କୁ ଅଭିଯୋଗ କରିଥିଲେ।

ସେହିଭଳି ରାଜଧାନୀ ଉପକଣ୍ଠରେ ଥିବା ଅନ୍ୟ ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଗୋଡ଼ିବାରି, ଡେରାସ୍ ଓ ଝୁମୁକାରେ ମଧ୍ୟ ପର୍ଯ୍ୟଟକଙ୍କ ଭିଡ଼ ପରିଲକ୍ଷିତ ହୋଇଛି। ଗୋଡ଼ିବାରିକୁ ଆସିଥିବା ୫୧୦ ପର୍ଯ୍ୟଟକଙ୍କଠାରୁ ୩୨ ହଜାର ଟଙ୍କା ରାଜସ୍ୱ ଆଦାୟ ହୋଇଛି। ସେଥିମଧ୍ୟରୁ କେବଳ ସଫାରି ବୁଲିବାରେ ୨୫ ହଜାର ଓ ଅନ୍‌ଲାଇନ ଟିକେଟ ବାବଦରେ ୭ ହଜାର ଟଙ୍କା ଆଦାୟ ହୋଇଛି। ଏହାସହ ପର୍ଯ୍ୟଟକ ଡେରାସ୍‌ରେ ବଣଭୋଜିର ଭରପୂର ମଜା ଉଠାଇଛନ୍ତି। ସମୁଦାୟ ୨୨୮୫ ପର୍ଯ୍ୟଟକଙ୍କଠାରୁ ରାଜସ୍ୱ ବାବଦରେ ୧ଲକ୍ଷ ୫୨୦ ଟଙ୍କା ଆଦାୟ ହୋଇଛି। ଅନ୍ୟପଟେ ପର୍ଯ୍ୟଟକ ଝୁମୁକା ଡ୍ୟାମ୍ ଦେଖିବା ସହ ଏଠାରେ ବଣଭୋଜି କରିଛନ୍ତି। ପ୍ରାୟ ୫ ହଜାରରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ ଏଠାକୁ ଆସି ପ୍ରାକୃତିକ ଜଙ୍ଗଲର ଶୋଭାରାଜି ସହ ଡ୍ୟାମ୍‌ର ମନୋରମ ଦୃଶ୍ୟ ଉପଭୋଗ କରିଛନ୍ତି। ଏଥିସହ ବଣଭୋଜିର ମଜା ଉଠାଇଛନ୍ତି। କିନ୍ତୁ ଏଠାରେ ବନ ବିଭାଗ ପକ୍ଷରୁ କୌଣସି ରାଜସ୍ୱ ଆଦାୟର ବ୍ୟବସ୍ଥା ନ ଥିବା ଜଣାପଡ଼ିଛି।




ଗୋପାଳପୁର ବେଳାଭୂମିରେ ରବିବାର ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

## ବଡ଼ଦିନରେ ଧଉଳିରେ ଦେଢ଼ଲକ୍ଷ ପର୍ଯ୍ୟଟକ

ପୁରୁଣା ଭୁବନେଶ୍ୱର, ୨୫।୧୨(ଡି.ଏନ୍.ଏ.)

ରବିବାର ବଡ଼ଦିନ ଅବସରରେ ଶାନ୍ତିସ୍ତୂପ ଧଉଳିରେ ପର୍ଯ୍ୟଟକଙ୍କ ଭିଡ଼ ଜମିଥିଲା। ପର୍ଯ୍ୟଟକ ଶାନ୍ତିସ୍ତୂପ ବୁଲିବା ସହ ପାହାଡ଼ ପାଦଦେଶ ସମିତ ଚତୁପାର୍ଶ୍ୱରେ ଭୋଜି କରୁଥିବା ଦେଖିବାକୁ ମିଳିଥିଲା। ଧଉଳି ପଞ୍ଚାୟତରେ ଥିବା ୧୦ଟି ପିଣ୍ଡିକୁ ବାଦ୍‌ଦେଲେ ଅଣଅନୁମୋଦିତ ପିଣ୍ଡିରେ ଭୋଜି ନେଇ କାଁ ଭାଁ ବିଶୃଙ୍ଖଳା ଦେଖାଦେଇଥିଲା। ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ ରାସ୍ତା, ଅଶୋକଙ୍କ ଶିଳାଲିପି ନିକଟ ରାସ୍ତା, ବସ୍‌ଷ୍ଟାଣ୍ଡ ରାସ୍ତାରେ ଟ୍ରାଫିକ ଜାମ୍ ରହିଥିଲା। ୨୦ରୁ ଊର୍ଦ୍ଧ୍ୱ ଭଲ୍ୟୁଣ୍ଟରଙ୍କ ସହାୟତାରେ ଟ୍ରାଫିକ ନିୟନ୍ତ୍ରଣ କରାଯାଇଥିଲା ବୋଲି ସରପଞ୍ଚ ଚନ୍ଦନ ମଲ୍ଲିକ କହିଛନ୍ତି। ଦିନତମାମ ଦେଢ଼ ଲକ୍ଷରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ ଧଉଳିକୁ ଆସିଥିବା ଧଉଳି ଆଇଆଇସି ଚିତ୍ତରଞ୍ଜନ ରାଉତ କହିଛନ୍ତି। ସ୍ୱତନ୍ତ୍ର ଟ୍ରାଫିକ ପୋଲିସ ଅଧିକାରୀଙ୍କ ସହ ଫୋର୍ସ ସହାୟତାରେ ଶାନ୍ତିଶୃଙ୍ଖଳାରେ ବଡ଼ଦିନ ପାଳନକୁ ନିୟନ୍ତ୍ରଣ କରାଯାଇଥିବା ଆଇଆଇସି ରାଉତ କହିଛନ୍ତି।

## ୨ ଇଞ୍ଜେକ୍‌ଶନ ଦେଇ ୨.୨୨ ଲକ୍ଷ ଠକେଇ ଅଭିଯୋଗ

**କଟକ ଅଫିସ,୨୫।୧୨:** ସ୍ଥାନୀୟ ଏକ ଘରୋଇ ମେଡିକାଲ ୨ଟି ଇଞ୍ଜେକସନ ଦେଇ ଜଣେ ରୋଗୀଙ୍କଠାରୁ ୨.୨୨ ଲକ୍ଷ ଟଙ୍କା ଠକିନେଇଥିବା ଚାଉଳିଆଗଞ୍ଜ ଥାନାରେ ରବିବାର ଅଭିଯୋଗ ହୋଇଛି। ଝାଡ଼ଖଣ୍ଡର ଜଣେ ରୋଗୀ ଚିକିତ୍ସା ପାଇଁ ଉକ୍ତ ମେଡିକାଲକୁ ଆସିଥିଲେ। ସେଠାରେ ତାଙ୍କୁ ଗୋଟିକୁ ୨୩,୬୪୮ ଟଙ୍କା ମୂଲ୍ୟର ଦୁଇଟି ଇଞ୍ଜେକଶନ ଦିଆଯାଇଥିବା ଦର୍ଶାଯାଇଛି। ହେଲେ ସମ୍ପୃକ୍ତ ଘରୋଇ ମେଡିକାଲ ରୋଗୀଙ୍କୁ ଠକି ତାଙ୍କଠାରୁ ୨.୨୨ ଲକ୍ଷ ଟଙ୍କା ନେଇଥିବା ଅଭିଯୋଗ ହୋଇଛି। ଆଇଆଇସି ଶଶୀକାନ୍ତ ରାଉତ କହିଛନ୍ତି, ଏନେଇ ଥାନାରେ ଏକ ଷ୍ଟେଶନ ଡାଏରି କରାଯାଇଛି। ଅଭିଯୋଗକୁ ନେଇ ତଦନ୍ତ ଚାଲିଛି।

## ପଥର ଖଣିରେ ବୁଡ଼ି ୨ ଯୁବକ ମୃତ

ପିପିଲି,୨୫।୧୨(ସ୍ୱ.ପ୍ର./ଡି.ଏନ୍.ଏ.)

ପିପିଲି ଥାନା ଅନ୍ତର୍ଗତ ନିଜିଗଡକୁରୁଖି ଗ୍ରାମ ନିକଟସ୍ଥ ଜାଭିୟର ସ୍କୁଲ ସମ୍ମୁଖରେ ଥିବା ଏକ ପଥର ଖଣିରେ ରବିବାର ଅପରାହ୍ନରେ ବୁଡ଼ି ଯିବାରୁ ୨ଜଣ ଯୁବକଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ମୟୂରଭଞ୍ଜ ଜିଲାର ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ଅର୍ଜିତ ଗିରି (୨୩) ଓ ଦେବରାଜ ସିଂ (୨୩)। ଘଟଣାସ୍ଥଳରେ ପିପିଲି ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ତଦନ୍ତ ଆରମ୍ଭ କରିଥିବା ବେଳେ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ସୂଚନା ଅନୁଯାୟୀ, ଅର୍ଜିତ, ଦେବରାଜ କମ୍ପିଟେଟିଭ ପାଇଁ ଭୁବନେଶ୍ୱର ଆସି ସୁନ୍ଦରପଦା ନିକଟସ୍ଥ ହାଇଟେକ୍ ପ୍ଲାଜାରେ ରହୁଥିଲେ। ତେବେ ରବିବାର ଅର୍ଜିତ, ଦେବରାଜଙ୍କ ସହ ୩ଜଣ ସାଙ୍ଗଙ୍କ ନିକଟସ୍ଥ ଜାଭିୟର ସ୍କୁଲ ସମ୍ମୁଖରେ ଥିବା ଏକ ପଥର ଖଣିକୁ ଗାଧୋଇବା ପାଇଁ ଆସିଥିଲେ। ହେଲେ ସେମାନଙ୍କ ମଧ୍ୟରୁ ଅସାବଧାନତାରୁ ଅର୍ଜିତ, ଦେବରାଜ ଉଭୟ ପାଣିରେ ବୁଡ଼ି ଯାଇଥିଲେ। ଖବରପାଇ ପିପିଲି ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଅର୍ଜିତ, ଦେବରାଜଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରିଭୁବନେଶ୍ୱର ହସ୍ପିଟାଲକୁପଠାଇଥିଲେ। କିନ୍ତୁ ଡାକ୍ତର ସେଠାରେ ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ପରେ ପିପିଲି ପୋଲିସ ପହଞ୍ଚି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ଅଭିମନ୍ୟୁ ନାୟକ କହିଛନ୍ତି।

## ବ୍ୟାଡ୍‌ମିଣ୍ଟନ ଖେଳ ବେଳେ ଢେଲାପଥର ମାଡ଼

**କଟକ ଅଫିସ,୨୫।୧୨:** କ୍ୟାଣ୍ଟନମେଣ୍ଟ ଥାନା ଅନ୍ତର୍ଗତ ପଟ୍ଟାପୋଲ ଅଞ୍ଚଳରେ ରବିବାର ସନ୍ଧ୍ୟାରେ ବ୍ୟାଡ୍‌ମିଣ୍ଟନ ଖେଳକୁ ନେଇ ଢେଲାପଥର ମାଡ଼ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ରବିବାର ସନ୍ଧ୍ୟାରେ ପିଲାମାନେ ବ୍ୟାଡ୍‌ମିଣ୍ଟନ ଖେଳୁଥିଲେ। କୌଣସି କାରଣରୁ ମତାନ୍ତର ସୃଷ୍ଟି ହୋଇ ପରସ୍ପର ମଧ୍ୟରେ ଗଣ୍ଡଗୋଳ କରିଥିଲେ। ଏଥିରେ ସାହିଲୋକେ ସାମିଲ ହୋଇ ଏକ ଗୋଷ୍ଠୀଗତ ବିବାଦର ସୂତ୍ରପାତ ହୋଇଥିଲା। ଦୁଇଗୋଷ୍ଠୀ ପରସ୍ପର ଉପରକୁ ଢେଲାପଥର ମାଡ଼ କରିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ପକ୍ଷକୁ ବୁଝାଶୁଝା କରିବା ପରେ ପରିସ୍ଥିତି ନିୟନ୍ତ୍ରଣାଧୀନ ହୋଇଥିବା ଆଇଆଇସି ପ୍ରଦୀପ କୁମାର ଜେନା କହିଛନ୍ତି।

## ଗୁରୁ ହରମୋହନ ଖୁଣ୍ଟିଆଙ୍କୁ ଦାମୋଦର ହୋତା ସମ୍ମାନ

ଭୁବନେଶ୍ୱର,୨୫।୧୨(ବ୍ୟୁରୋ)

ଅନୁଷ୍ଠାନ 'ସ୍ୱର ରଙ୍ଗ' ଆନୁକୂଲ୍ୟରେ ରବିବାର ରବୀନ୍ଦ୍ର ମଣ୍ଡପରେ ପଣ୍ଡିତ ଡ. ଦାମୋଦର ହୋତାଙ୍କ ୮୭ତମ ଜୟନ୍ତୀ ପାଳନ ସହ ସ୍ୱର ରଙ୍ଗ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ମିଳିତ ସହଭାଗିତାରେ ଏହି ଶାସ୍ତ୍ରୀୟ ସଙ୍ଗୀତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅତିଥି ଭାବେ ବିଭାଗୀୟ ଯୁଗ୍ମ ସଚିବ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ, ବିଧାୟକ ଅନନ୍ତ ନାରାୟଣ ଜେନା ଏବଂ ସତ୍ୟନାରାୟଣ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।




ଗୁରୁ ହରମୋହନ ଖୁଣ୍ଟିଆଙ୍କୁ ଅତିଥିମାନେ ଦାମୋଦର ହୋତା ସମ୍ମାନରେ ସମ୍ମାନିତ କରୁଛନ୍ତି।

ଚଳିତ ବର୍ଷର ଦାମୋଦର ହୋତା ସ୍ମୃତି ସମ୍ମାନରେ ତବଲା ଓ ମର୍ଦ୍ଦଳ ବାଦକ ଗୁରୁ ପଣ୍ଡିତ ହରମୋହନ ଖୁଣ୍ଟିଆଙ୍କୁ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ଗୁରୁ କୃଷ୍ଣଚନ୍ଦ୍ର ଦାଶ, ଉପଦେଷ୍ଟା ପଣ୍ଡିତ ଦେବେନ୍ଦ୍ର ନାରାୟଣ ଶତପଥୀ ଓ ସଙ୍ଗୀତଜ୍ଞ ଲକ୍ଷ୍ମୀକାନ୍ତ ପାଲିତ୍ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମର ଉଦ୍‌ଘୋଷଣା କରିଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଲିପିନା



@ ଜ୍ୟୋତିରଞ୍ଜନ



@ ସ୍ୱାଗତିକା



@ ପୂଜା



@ ପ୍ରତାପ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।



ମହାପ୍ରଭୁଙ୍କ ଦର୍ଶନ ପାଇଁ ରବିବାରସିଂହଦ୍ୱାର ସମ୍ମୁଖ ବ୍ୟାରିକେଡ୍‌ରେ ଭକ୍ତଙ୍କ ଭିଡ଼।




ଶ୍ରୀଜଗନ୍ନାଥ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ଆୟୋଜିତ ଦିନିକିଆ ଆଲୋଚନା ଚକ୍ର ପରିପ୍ରେକ୍ଷୀରେ ପ୍ରଫେସର ସୁରେନ୍ଦ୍ରନାଥ ଦାସଙ୍କ ସଂକଳିତ 'ରତ୍ନଭଣ୍ଡାର' ପୁସ୍ତକ ଅତିଥିଙ୍କମାନଙ୍କ ଦ୍ୱାରା ଲୋକାର୍ପଣ କରାଯାଉଛି।

## ସଂକ୍ଷେପରେ

### ମୋନାଲିସା ଜେନା ପାଇବେ ବିଶ୍ୱନାଥ ପଶାୟତ ସାରସ୍ୱତ ସମ୍ମାନ

କଟକ ଅଫିସ,୨୫।୧୨: ସାରଳା ସାହିତ୍ୟ ସଂସଦ ପକ୍ଷରୁ ବିଶିଷ୍ଟ କବି ତଥା ଅନୁବାଦିକା ମୋନାଲିସା ଜେନାଙ୍କୁ ବିଶ୍ୱନାଥ ପଶାୟତ ସାରସ୍ୱତ ସମ୍ମାନ ପ୍ରଦାନ କରାଯିବ। ଆସନ୍ତା ୨୮ ତାରିଖ ସନ୍ଧ୍ୟାରେ କଟକ ସାରଳା ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ମୋନାଲିସାଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ ବୋଲି ସଂସଦର ସଭାପତି ଇଂ. ପ୍ରଭାକର ସ୍ୱାଇଁ ଜଣାଇଛନ୍ତି। ବିଶିଷ୍ଟ ଅନୁବାଦିକା ଭାବରେ ଓଡ଼ିଆ, ହିନ୍ଦୀ, ଇଂଲିଶ ଓ ଅସମୀୟା ଭାଷା ସାହିତ୍ୟରେ ମୋନାଲିସାଙ୍କ ଗଭୀର ବିଦ୍‌ବତ୍ତା ରହିଛି। ତାଙ୍କ ସୃଷ୍ଟିରାଜି ମଧ୍ୟରେ ନର୍ଗିସ, ନିସର୍ଗ ଧ୍ୱନି, ନକ୍ଷତ୍ର ଦେବୀ, ପ୍ରତିଭା ରାୟଙ୍କ ଶୀଳାପଦ୍ମ ଉପନ୍ୟାସ, ମହାପାତ୍ର ନୀଳମଣି ସାହୁଙ୍କ ଶ୍ରେଷ୍ଠଗଳ୍ପ, ଆସାମର ଶ୍ରେଷ୍ଠଗଳ୍ପ ପ୍ରଭୃତି ଉଲ୍ଲେଖନୀୟ। ତାଙ୍କର ସାରସ୍ୱତ କୃତି ପାଇଁ ସେ କେନ୍ଦ୍ର ସାହିତ୍ୟ ଏକାଡେମୀ ସମେତ ବହୁ ମର୍ଯ୍ୟାଦାଜନକ ପୁରସ୍କାର ଲାଭ କରିଛନ୍ତି।

### କଖଡ଼ି ହାଇସ୍କୁଲ ଛାତ ସିଲିଂ ଖସିଲା

ଚୌଦ୍ୱାର,୨୫।୧୨(ଡି.ଏନ୍.ଏ.)- ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ କଖଡ଼ି ହାଇସ୍କୁଲର ସାଂସ୍କୃତିକ ମଣ୍ଡପ ଛାତ ସିଲିଂ ରବିବାର ଗଳିପଡ଼ିଛି। ଏଥିରେ ୨ଜଣ ଆହତ ହୋଇଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, ୫-ଟି ଅଧୀନରେ ୧ ବର୍ଷ ତଳେ ପ୍ରାୟ ୨୦ ଫୁଟ ଲମ୍ବ ଓ ୧୫ ଫୁଟ ଓସାରର ଏହି ମଣ୍ଡପର ସୌନ୍ଦର୍ଯ୍ୟକରଣ ପାଇଁ ଛାତ ତଳେ ସିଲିଂ କରାଯାଇଥିଲା। ରବିବାର ଉକ୍ତ ସ୍କୁଲର ୧୯୯୭ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ସମୟରେ ସିଲିଂ ଗଳି ପଡିବାରୁ ୨ ଜଣ ପୁରାତନ ଛାତ୍ରୀଛାତ୍ର ଆହତ ହୋଇଥିଲେ। ନିମ୍ନମାନର କାର୍ଯ୍ୟ ଯୋଗୁ ସିଲିଂ ଗଳି ପଡ଼ିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସ୍କୁଲ ପ୍ରଧାନ ଶିକ୍ଷକ ରଣଜିତ୍ ନାୟକଙ୍କୁ ପଚାରିବାରୁ ଉକ୍ତ କାର୍ଯ୍ୟ ୫-ଟି ଅଧୀନରେ ହୋଇଥିବା କହିଥିଲେ। ହେଲେ ଏହାର ଦାୟିତ୍ୱରେ ଥିବା ତତ୍କାଳୀନ କନିଷ୍ଠ ଯନ୍ତ୍ରୀ କହିଛନ୍ତି, ଏହି କାର୍ଯ୍ୟ ପୂର୍ବରୁ ହୋଇଥିଲା। ୫-ଟି ଅଧୀନରେ କେବଳ ଏହାର ରଙ୍ଗ କାମ ହୋଇଛି।

### ଖାଲରେ ଖସିଲା ବାଇକ୍

କଟକ ଅଫିସ,୨୫।୧୨: କଟକ ସହରରେ ଚାଲିଥିବା ଜାଇକା କାର୍ଯ୍ୟର ଅପରିଣାମଦର୍ଶିତା ପାଇଁ ମଧୁପାଟଣା ଥାନା ଅନ୍ତର୍ଗତ ତିନିଘରିଆ ଅଞ୍ଚଳରେ ରବିବାର ଏକ ବାଇକ୍ ଖାଲରେ ଖସିପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ଅଞ୍ଚଳରେ ମୁଖ୍ୟ ନାଳ କାମ ଚାଲିଥିବାବେଳେ ଯାତାୟାତରେ ଅସୁବିଧା ସୃଷ୍ଟି ହେଉଛି। ରାତି ପ୍ରାୟ ୯ଟାରେ ଜଣେ ଯୁବକ ଏକ ବାଇକ୍‌ରେ ଯାଉଥିଲେ। ପୂର୍ବରୁ ସେଠାରେ ମୁକୁଳା ଖାଲ ଥିବା ସମ୍ପର୍କରେ ସେ ଜାଣି ନ ଥିଲେ। ହଠାତ୍ ଖାଲକୁ ଦେଖି ଗାଡ଼ିର ଭାରସାମ୍ୟ ରଖିପାରିନଥିଲେ। ଫଳରେ ବାଇକ୍ ଖାଲକୁ ଖସି ପଡିଥିବାବେଳେ ସେ କୌଶଳ କ୍ରମେ ତୁରନ୍ତ ଗାଡ଼ିରୁ ଓହ୍ଲାଇ ପଡ଼ିଥିଲେ। ପରେ ସ୍ଥାନୀୟ ଲୋକେ ଖାଲରୁ ଗାଡ଼ିକୁ ଉଠାଇଥିଲେ।




ରାଜଧାନୀ ଭୁବନେଶ୍ୱରରେ ରବିବାର ଆୟୋଜିତ ପଥ ଉତ୍ସବରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ। (ଫଟୋ- ବିକାଶ)

# ୨ ବର୍ଷ ପରେ ଫେରିଲା 'ପଥୋତ୍ସବ'

ଭୁବନେଶ୍ୱର, ୨୫।୧୨(ବ୍ୟୁରୋ)

ରାଜଧାନୀକୁ ଫେରିଲା 'ରାହଗିରି' ବା 'ପଥୋତ୍ସବ'। କରୋନା କଟକଣା ହଟିବା ଯୋଗୁ ଦୀର୍ଘ ୨ବର୍ଷ ପରେ ରାଜଧାନୀରେ ପୁଣି ପଥୋତ୍ସବ ଆୟୋଜନ ହୋଇଥିବାରୁ ଲୋକେ ଏହାକୁ ମନଭରି ଉପଭୋଗ କରିଛନ୍ତି। ନାଚ, ଗୀତ ସହ ବିଭିନ୍ନ ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମରେ ମସ୍‌ଗୁଲ୍ ରାଜଧାନୀବାସୀ। ରବିବାର ବଡ଼ଦିନରେ ସକାଳୁ ସ୍ମାର୍ଟ ଜନପଥ ମାଷ୍ଟରକ୍ୟାଣ୍ଟିନ୍ ଛକଠାରୁ ରାମମନ୍ଦିର ପର୍ଯ୍ୟନ୍ତ ରାସ୍ତାରେ ଏଭଳି କିଛି ମାହୋଲ୍ ଦେଖିବାକୁ ମିଳିଥିଲା। ରଙ୍ଗୋଲି, ସ୍କେଟିଂ, ସାଇକେଲିଂ, ମିନି ମାରାଥନ୍ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ବିଭିନ୍ନ ବର୍ଗର ଲୋକଙ୍କ ମଧ୍ୟରେ ଏକାଧିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି), ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଏବଂ ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ (ବିଏସ୍‌ସିଏଲ୍) ପକ୍ଷରୁ ଆୟୋଜିତ ପଥୋତ୍ସବ ସକାଳ ୬.୩୦ରୁ ୯.୩୦ ପର୍ଯ୍ୟନ୍ତ ଚାଲିଥିଲା। କାର୍ଯ୍ୟକ୍ରମରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗଦେଇ କହିଥିଲେ, ୨୦୧୮ ପରେ ୨୦୨୩ରେ ପୁଣି ଥରେ ହକି ବିଶ୍ୱକପ୍ ଓଡ଼ିଶାରେ ଆୟୋଜନ ହେବାକୁ ଯାଉଛି। ଏହା ଆମପାଇଁ ଅତ୍ୟନ୍ତ ଗର୍ବ ଓ ଗୌରବର ବିଷୟ। ସାରା ବିଶ୍ୱ ଆମ ଭୁବନେଶ୍ୱର ସହ ଓଡ଼ିଶାକୁ ଦେଖିବ। ଆମ ଆତିଥେୟକୁ ମଧ୍ୟ ଦେଖିବ। ଏହି ମାହୋଲକୁ ଆହୁରି ମନୋରଞ୍ଜନ କରିବା ପାଇଁ ପୁଣି ଥରେ ପଥୋତ୍ସବ ଫେରିଛି। ତେଣୁ ସମସ୍ତେ ଏହାକୁ ଉପଭୋଗ କରିବା ଏବଂ ଆମ ସହରକୁ ସ୍ୱଚ୍ଛ ରଖିବା ପାଇଁ ମନ୍ତ୍ରୀ ଆହ୍ୱାନ ଦେଇଥିଲେ। ସେହିପରି ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ ପାତ୍ର ଯୋଗଦେଇ ହକି ବିଶ୍ୱକପ୍ ପୁନର୍ବାର ଆୟୋଜନ କରିବା ଆମ ରାଜ୍ୟ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି କହିଥିଲେ। ଭିନ୍ନକ୍ଷମ ଓ ସାମାଜିକ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗଦେଇ ପଥ ଉତ୍ସବର ଶୁଭାରମ୍ଭ ସମ୍ପର୍କରେ ସୂଚନା ଦେଇଥିଲେ। ଏଥିସହ ହକି ବିଶ୍ୱକପ୍ ପାଇଁ ଶୁଭେଚ୍ଛା ଜଣାଇଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ସୁଶାନ୍ତ ରାଉତ, ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ ପ୍ରମୁଖ ଉପସ୍ଥିତ ଥିଲେ।




ଯୁବପିଢିଙ୍କ ଦ୍ୱାରା ସଚେତନତା କାର୍ଯ୍ୟକ୍ରମ।



### ପ୍ରତିଯୋଗିତାରେ ଭାଗ ନେଲେ, କଳା କୌଶଳ ଦେଖାଇଲେ

ଏହାବାଦ୍ ବିଭିନ୍ନ ସାମାଜିକ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ ଏବଂ ବ୍ୟକ୍ତିବିଶେଷଙ୍କ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଥିଲା। ପିଲାଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା, ଯୋଗ, ବ୍ୟାୟାମ ଭଳି ଭିନ୍ନ ଭିନ୍ନ କଳା କୌଶଳ ପରିବେଷଣ କରାଯାଇଥିଲା। ୨୦୧୯ ଫେବୃୟାରୀ ୧୦ରେ ଶେଷ ଥର ପାଇଁ ପଥୋତ୍ସବ ହୋଇଥିଲା। ଦୀର୍ଘ ୨ବର୍ଷ ପରେ ପୁଣି ପଥୋତ୍ସବ ହୋଇଥିବାରୁ ଲୋକେ ଏହାକୁ ମନଭରି ଉପଭୋଗ କରିଥିଲେ। ଚଳିତଥର ଭୁବନେଶ୍ୱରର ୩ଟି ନିର୍ବାଚନମଣ୍ଡଳୀରେ ପଥୋତ୍ସବ ଅନୁଷ୍ଠିତ ହେବ। ନୂଆବର୍ଷ ପାଇଁ ୧ ତାରିଖ ରବିବାର କାର୍ଯ୍ୟକ୍ରମ ବନ୍ଦ ରହିବ। ଅପରପକ୍ଷେ ଜାନୁୟାରୀ ୮ରେ ଉତ୍ତର ନିର୍ବାଚନ ମଣ୍ଡଳୀରେ ଏବଂ ୧୫ରେ ଏକାମ୍ର ନିର୍ବାଚନ ମଣ୍ଡଳୀରେ କାର୍ଯ୍ୟକ୍ରମ କରାଯିବ।

### ନାଚ, ଗୀତରେ ଝୁମିଲେ

ପଥୋତ୍ସବରେ ମାଷ୍ଟରକ୍ୟାଣ୍ଟିନ, ରାମମନ୍ଦିର ଏବଂ ମଝିରେ ମୋଟ୍ ୩ଟି ଷ୍ଟେଜ୍ କରାଯାଇଥିଲା। ଏଥିରେ ନାଚ, ଗୀତ ସହିତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ହୋଇଥିଲା। ଓଡ଼ିଶୀ, ସମ୍ବଲପୁରୀ ଏବଂ ରକ୍‌ବ୍ୟାଣ୍ଡ ଭଳି ବିଭିନ୍ନ ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସେହିପରି ପ୍ରଥମ ଥର ପାଇଁ 'ଭୁବନେଶ୍ୱର ଗଟ୍ ଟାଲେଣ୍ଟ' ମଞ୍ଚରେ ଯୁବପିଢ଼ି ସେମାନଙ୍କ ପ୍ରତିଭା ଦେଖାଇବାର ସୁଯୋଗ ପାଇଥିଲେ।




### ଓଲି ସହ ସେଲ୍‌ଫି ନେଲେ

ପଥୋତ୍ସବକୁ ଆସିଥିବା ସହରବାସୀ ମାସ୍କଟ ଓଲି ସହ ସେଲ୍‌ଫି ନେଇଥିଲେ। ହକି ଥିମ୍‌ରେ ସଜେଇ ହୋଇଥିବା ଓଲିକୁ ଦେଖି ବିଶେଷକରି ଛୋଟ ପିଲାମାନେ ଉତ୍ସାହିତ ହୋଇଥିଲେ। ଓଲି ମଧ୍ୟ ସେମାନଙ୍କ ସହ ହାତ ମିଳାଇ ଖୁବ୍ ମଜା କରିଥିଲା। ଛୋଟଙ୍କ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ଓଲି ସହ ସେଲ୍‌ଫି ନେବାକୁ ଆଗ୍ରହ ଦେଖାଇଥିଲେ।



### ହକି ଥିମ୍‌ରେ ରଙ୍ଗୋଲି

ବିଶ୍ୱକପ୍ ହକି ପାଇଁ ରାଜଧାନୀ ଚଳଚଞ୍ଚଳ ହୋଇ ଉଠିଥିବାବେଳେ ଏହାର ଝଲକ ପଥୋତ୍ସବରେ ଦେଖିବାକୁ ମିଳିଥିଲା। ବିଭିନ୍ନ ବର୍ଗର ମହିଳା, ଯୁବକମାନେ ରଙ୍ଗୋଲିରେ ହକି ପାଇଁ ଭୁବନେଶ୍ୱରକୁ ଚିଅର୍‌ଅପ୍ କରିଥିଲେ। ସେହିଭଳି ବିଭିନ୍ନ ସାମାଜିକ ବାର୍ତ୍ତାକୁ ରଙ୍ଗୋଲିରେ ସ୍ଥାନ ଦେଇଥିଲେ।



ଉତ୍ସବ ଉଦ୍‌ଘାଟନ ଅବସରରେ ଯୋଗ ଦେଇଥିବା ଅତିଥିମାନେ।



ପଥୋତ୍ସବ ଦେଖିବା ପାଇଁ ଲୋକଙ୍କ ଗହଳି।

### 'ମୋ ସାଇକେଲ୍'କୁ ଝୁରିଲେ

ଗତଥର ପଥୋତ୍ସବରେ ସ୍କେଟିଂ ସହିତ ସାଇକେଲ ଚାଳନା ମୁଖ୍ୟ ଆକର୍ଷଣ ଥିଲା। ଅନ୍ୟ ସମୟରେ ସାଇକେଲ ଚଲାଇବା ପାଇଁ ସୁଯୋଗ ବା ସମୟ ପାଉ ନ ଥିବାରୁ ପଥୋତ୍ସବରେ ପିଲାଙ୍କ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ସାଇକେଲ ଚଲାଇବାକୁ ପସନ୍ଦ କରୁଥିଲେ। ଏଥିପାଇଁ ସ୍ମାର୍ଟସିଟି ପକ୍ଷରୁ 'ମୋ ସାଇକେଲ'ର ବ୍ୟବସ୍ଥା କରାଯାଇଥିଲା। ମାତ୍ର ଏଥର କାର୍ଯ୍ୟକ୍ରମରେ ସେହି ବ୍ୟବସ୍ଥା ନ ଥିଲା। ଯେଉଁ କେତେଜଣ ପିଲା ନିଜ ସାଇକେଲ ନେଇ ଆସିଥିଲେ ସେମାନେ ସାଇକେଲ୍ ଚଲାଇଥିଲେ। ଯାହାକୁ ନେଇ ଲୋକେ ଟିକେ ମନଊଣା କରିଥିଲେ।

# 'ନିର୍ଦ୍ଦିଷ୍ଟ କର୍ତ୍ତବ୍ୟ ପାଳନ ସବୁଠୁ ବଡ଼ ଶୁଦ୍ଧତା'

### ସୈନିକ ସ୍କୁଲର ହୀରକ ଜୟନ୍ତୀ ଉଦ୍‌ଯାପିତ

ଭୁବନେଶ୍ୱର,୨୫।୧୨(ବ୍ୟୁରୋ)

ବଳିଦାନ, ଦାନ ଏବଂ ଉତ୍ତମତା ଆତ୍ମାକୁ ଶୁଦ୍ଧ କରିଥାଏ। ତେବେ ନିର୍ଦ୍ଦିଷ୍ଟ କର୍ତ୍ତବ୍ୟ ପାଳନ ହେଉଛି ସବୁଠାରୁ ବଡ଼ ଶୁଦ୍ଧତା। ଆମେ ଏକ ଅସମ୍ପୂର୍ଣ୍ଣ ପୃଥିବୀକୁ ଓହ୍ଲାଇଛୁ ଏବଂ ଏହାକୁ ସଂଶୋଧନ କରିବା ଆମର କର୍ତ୍ତବ୍ୟ। ବିଭାଜିତ ଭାରତକୁ ଅଖଣ୍ଡ ଭାରତରେ ପରିଣତ କରିବାର ସମୟ ଆସିଛି। ଭାରତ ବିନା ବିଶ୍ୱ ନାହିଁ। ଯଦି ଭାରତ ବଞ୍ଚିରୁହେ ତେବେ କେହି ମରିବେ ନାହିଁ। ଯଦି ଭାରତ ମରିଯାଏ, ତେବେ କେହି ବଞ୍ଚିପାରିବେ ନାହିଁ ବୋଲି ରବିବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ସୈନିକ ସ୍କୁଲର ହୀରକ ଜୟନ୍ତୀ ଉତ୍ସବର ଉଦ୍‌ଯାପନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ବିଦ୍ୟାଳୟର ଅଧ୍ୟକ୍ଷ କର୍ଣ୍ଣେଲ୍ ବାଲୁଭରତ, ଅବସରପ୍ରାପ୍ତ ଲେଫ୍ଟନାଣ୍ଟ ଜେନେରାଲ ଜେ. କେ. ମହାନ୍ତି, ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ମଧୁସୂଦନ ପାଢ଼ୀ ଏବଂ ପୁରାତନ ବାଳକ ସଂଘର ସଭାପତି ହରଦମନ ସିଂ ଉପସ୍ଥିତ ଥିଲେ। ରାଜ୍ୟପାଳଙ୍କ ଦ୍ୱାରା ଶହୀଦ ମେମୋରିଆଲଠାରେ ପୁଷ୍ପମାଲ୍ୟ ଅର୍ପଣ ପରେ ହୀରକ ଜୟନ୍ତୀ ସ୍ମରଣିକା ଉନ୍ମୋଚନ ସହ ଅବସରପ୍ରାପ୍ତ ଶିକ୍ଷକମାନଙ୍କୁ ସମ୍ମାନିତ କରାଯାଇ ଥିଲା। ସୈନିକ ସ୍କୁଲ ଭୁବନେଶ୍ୱର ପୁରାତନ ବାଳକ ସଂଘ (ଓବିଏ)ର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ମଧ୍ୟ ଏହି ଅବସରରେ ପାଳନ କରାଯାଇଛି। ଓବିଏ ସଭାପତି ଏହି ସମାବେଶରେ ଉଦବୋଧନ ଦେବା ସହ ବିଦ୍ୟାଳୟରେ ପୁରାତନ ବାଳକମାନଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ। ଜେନେରାଲ ମହାନ୍ତି ପ୍ରଥମ ବ୍ୟାଚ୍‌ର ପୁରାତନ ଛାତ୍ର ଭାବେ ନିଜ ଅଭିଭାଷଣରେ କହିଥିଲେ, ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିବା ହିଁ ତାଙ୍କୁ ବିଦ୍ୟାଳୟରେ ଶିକ୍ଷା ଦିଆଯାଇଥିଲା। ସୈନିକ ସ୍କୁଲର ପୁରାତନ ଛାତ୍ରମାନଙ୍କୁ ନେଇ ୧୯୭୨ରେ ପୁରାତନ ବାଳକ ସଂଘ ଗଠନ କରାଯାଇଥିଲା। ସେବେଠାରୁ ଆଲୁମିନି ଏବଂ ଅବସରପ୍ରାପ୍ତ ଶିକ୍ଷକମାନେ ଏହି ଉତ୍ସବ ଅବସରରେ ଏକତ୍ରିତ ହୋଇଥାନ୍ତି।



ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏବଂ ଅନ୍ୟ ଅତିଥିଗଣ ହୀରକ ଜୟନ୍ତୀ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

# ଅନ୍ତର୍ଜାତୀୟ ଯୋଗିନୀ ମହୋତ୍ସବ ଉଦ୍‌ଯାପିତ

- ସ୍ନେହପ୍ରଭାଙ୍କୁ ଚଉଷଠି ଯୋଗିନୀ ନୃତ୍ୟ ପ୍ରତିଭା ସମ୍ମାନ
- ରଞ୍ଜନ ଦାସଙ୍କୁ ଚଉଷଠି ଯୋଗିନୀ ସାହିତ୍ୟ ସମ୍ମାନ

ବାଲକାଟୀ,୨୫।୧୨(ଡି.ଏନ୍.ଏ.)

ନୃତ୍ୟ ପ୍ରତିଭା ଅନୁଷ୍ଠାନ ପକ୍ଷରୁ ହୀରାପୁରସ୍ଥିତ ମହାମାୟାଙ୍କ ପୀଠରେ ୩ ଦିନ ଧରି ଆୟୋଜିତ ଷୋଡ଼ଶ ଅନ୍ତର୍ଜାତୀୟ ଚଉଷଠି ଯୋଗିନୀ ମହୋତ୍ସବ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମୋ ପରିବାରର ମୁଖ୍ୟ ଆଇପିଏସ୍ ଅରୂପ ପଟ୍ଟନାୟକ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଆଇଏଏସ୍ ରଞ୍ଜନ ଦାସ, ଷ୍ଟାର କିରଣ ଟିଭିର ପ୍ରୋଗ୍ରାମ ମୁଖ୍ୟ ଶ୍ରୀଜିତ ଶତପଥୀ ଯୋଗଦେଇ ପୀଠର ଗରିମା ବଖାଣି ନିଜକୁ ଧନ୍ୟ ମନେକରିଥିଲେ। ସହସମ୍ପାଦିକା ପ୍ରତିଭାଙ୍କ ଉଦ୍ୟମକୁ ପ୍ରଶଂସା କରିବା ସହ ହୀରାପୁରବାସୀଙ୍କୁ ସାଧୁବାଦ ଜଣାଇଥିଲେ। ଏହି ଅବସରରେ ପ୍ରଖ୍ୟାତ ନୃତ୍ୟଶିଳ୍ପୀ ଡ. ସ୍ନେହପ୍ରଭା ସାମନ୍ତରାୟଙ୍କୁ ଷୋଡ଼ଶ ୬୪ ଯୋଗିନୀ ନୃତ୍ୟ ପ୍ରତିଭା ସମ୍ମାନ ଏବଂ ଭାରତୀୟ ପ୍ରଶାସନିକ ଅଧିକାରୀ ରଞ୍ଜନ ଦାସଙ୍କୁ ୬୪ ଯୋଗିନୀ ସାହିତ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ସଭାପତି ଡ. ରଜନୀ ରଞ୍ଜନଙ୍କ ଅଧ୍ୟକ୍ଷତାରେ ଉକ୍ତ ସଭା ଆୟୋଜିତ ହୋଇଥିଲା। ପରେ ପରେ ଆରମ୍ଭ ହୋଇଥିଲା ଉଦ୍‌ଯାପନୀ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମ। ମାହାରି ନୃତ୍ୟରୁ ସାଂସ୍କୃତିକ ସନ୍ଧ୍ୟାର ପ୍ରଥମ ଅର୍ଘ୍ୟ ଆରମ୍ଭ ହୋଇଥିଲା। କାନାଡ଼ାରୁ ଆସିଥିବା ନୃତ୍ୟଶିଳ୍ପୀ ସୁଶ୍ରୀ ମିଶ୍ର ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ରାୟପୁରରୁ ଆସିଥିବା ଓଡ଼ିଶୀ ନୃତ୍ୟଶିଳ୍ପୀ ଆରୟା ନନ୍ଦେଙ୍କ ଏକକ ଓଡ଼ିଶୀ ନୃତ୍ୟ ଦର୍ଶକଙ୍କୁ ବିମୋହିତ କରିଥିଲା। ଅଂଶୁମାନ ମିଶ୍ର ଓ ତାଙ୍କ ଦଳ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। କୋଲ୍‌କାତାରୁ ଆସିଥିବା ଅନୁରାନଙ୍କ ମଣିପୁରୀ ନୃତ୍ୟକୁ ଉପସ୍ଥିତ ଦର୍ଶକ ମନଭରି ଉପଭୋଗ କରିଥିଲେ। ଗୀତିନାଟ୍ୟ ମହିରାବଣ ବଧ ସନ୍ଧ୍ୟାର ଅନ୍ତିମ ସାଂସ୍କୃତିକ କାର୍ଯ୍ୟକ୍ରମ ଥିଲା। ଭୁବନେଶ୍ୱର କପିଳନାଥ ନାଟ୍ୟସଂଘର କଳାକାରମାନେ ଏହି ଗୀତିନାଟ୍ୟ ପରିବେଷଣ କରିଥିଲେ। ୩ ଦିନ ଧରି ଚାଲିଥିବା ଏହି ମହୋତ୍ସବ ଦେଖିବାକୁ ଆଖପାଖ ଗ୍ରାମ ଏପରିକି ରାଜଧାନୀରୁ ମଧ୍ୟ ଶହ ଶହ ଦର୍ଶକଙ୍କ ଭିଡ଼ ଜମୁଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଇଂ. ଶ୍ରୀନିବାସ ଘଟୁଆରୀ ସଂଯୋଜନା କରିଥିଲେ। ସମ୍ପାଦିକା ପ୍ରତିଭା ପଣ୍ଡା ଧନ୍ୟବାଦ ଦେଇଥିଲେ।



ଚଉଷଠି ଯୋଗିନୀର ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଅତିଥିମାନେ ସ୍ନେହପ୍ରଭା ସାମନ୍ତରାୟ ଓ ରଞ୍ଜନ ଦାସଙ୍କୁ ସମ୍ମାନିତ କରୁଛନ୍ତି।

## ସଂକ୍ଷେପରେ

### ପାର୍ଲାମେଣ୍ଟରେ ପୁରସ୍କୃତ ହେଲେ ଅନୁଭୂତି



ଭୁବନେଶ୍ୱର,୨୫।୧୨: ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀ ଓ ପଣ୍ଡିତ ମଦନମୋହନ ମାଲବ୍ୟଙ୍କ ପୁଣ୍ୟ ଜନ୍ମ ତିଥି ଅବସରରେ ଖୋର୍ଦ୍ଧା ଜିଲା ସତ୍ୟଭାମାପୁର ଗୋତଳ ଗ୍ରାମର ଅସିତ୍ କୁମାର ପ୍ରଧାନ ଓ ସବିତା ପ୍ରଧାନଙ୍କ ଝିଅ ତଥା ଅନ୍ତର୍ଜାତୀୟ ଲୋକକଳା ପ୍ରତିଯୋଗିତା ବିଜୟିନୀ ଅନୁଭୂତି ଏ.ଏସ୍‌ଙ୍କୁ ରବିବାର ପାର୍ଲାମେଣ୍ଟ ସଦନରେ ପୁରସ୍କୃତ କରାଯାଇଛି। ପାର୍ଲାମେଣ୍ଟରେ ଦେଇଥିବା ତାଙ୍କ ବକ୍ତବ୍ୟ ବେଶ୍ ଉଚ୍ଚକୋଟିର ରହିଥିଲା। ସେ ଏକ ଚିତ୍ରକଳା ମଧ ପ୍ରଦର୍ଶନ କରିଥିଲେ। ତାଙ୍କର ଏହି ଶ୍ରେୟ ପାଇଁ ସେ ପରିବାର ଏବଂ ସ୍କୁଲର ଶିକ୍ଷକଶିକ୍ଷୟିତ୍ରୀଙ୍କୁ ଦେଇଛନ୍ତି।

### ୨ରେ କାଦମ୍ବିନୀ ସାହିତ୍ୟ ମହୋତ୍ସବ, ପତ୍ରିକା ହାଟ
#### ନମିତା ଗୋଖ୍‌ଲେଙ୍କୁ ମିଳିବ ନୀଳିମାରାଣୀ ସାହିତ୍ୟ ସମ୍ମାନ

ଭୁବନେଶ୍ୱର,୨୫।୧୨(ବ୍ୟୁରୋ): ପାରିବାରିକ ପତ୍ରିକା 'କାଦମ୍ବିନୀ'ର ବାର୍ଷିକ ସାହିତ୍ୟ ମହାକୁମ୍ଭ କାଦମ୍ବିନୀ ସାହିତ୍ୟ ମହୋତ୍ସବ ଏବଂ କାଦମ୍ବିନୀ ପତ୍ରିକା ହାଟ ଜାନୁୟାରୀ ୨ରେ ଅନୁଷ୍ଠିତ ହେବ। ଏହି ଅବସରରେ କାଦମ୍ବିନୀ ସାହିତ୍ୟ ଏକାଡେମୀ ପକ୍ଷରୁ ଲେଖିକା ନମିତା ଗୋଖ୍‌ଲେଙ୍କୁ ନୀଳିମାରାଣୀ ସାହିତ୍ୟ ସମ୍ମାନ-୨୦୨୩, ଲେଖିକା ସୁସ୍ମିତା ବାଗ୍‌ଚୀଙ୍କୁ କାଦମ୍ବିନୀ ସାହିତ୍ୟ ସମ୍ମାନ-୨୦୨୩, ଲେଖକ ତଥା ପ୍ରକାଶକ ବନୋଜ ତ୍ରିପାଠୀଙ୍କୁ କାଦମ୍ବିନୀ ସମ୍ପାଦକ ସମ୍ମାନ-୨୦୨୩ ଏବଂ ଗଣେଶରାମ ନାହାକ ଓ ରବୀନ୍ଦ୍ରନାଥ ମିଶ୍ରଙ୍କୁ କାଦମ୍ବିନୀ ସାହିତ୍ୟ ସମ୍ବର୍ଦ୍ଧନା ଉତ୍ସବ-୨୦୨୩ରେ ପ୍ରଦାନ କରାଯିବ। କଥାକାର ପ୍ରଫେସର ଶାନ୍ତନୁ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହେବାକୁ ଥିବା ଏହି ମହୋତ୍ସବରେ ଉଦଘାଟକ ତଥା ମୁଖ୍ୟ ଅତିଥି ଭାବେ ଜାତୀୟ ସାହିତ୍ୟ ଏକାଡେମୀର ଉପସଭାପତି ମାଧବ କୌଶିକ ଏବଂ ସମ୍ମାନିତ ଅତିଥି ଭାବେ ଚଳଚ୍ଚିତ୍ର ବ୍ୟକ୍ତିତ୍ୱ ସଚିନ୍ ପିଲଗାଓଁକର, ଚଳଚ୍ଚିତ୍ର ଅଭିନେତ୍ରୀ ସୁପ୍ରିୟା ପିଲଗାଓଁକର, ଲେଖିକା ତଥା ସମାଜସେବୀ ଦୀପା ଦେଶମୁଖ ଯୋଗଦେବେ। ଅନ୍ୟମାନଙ୍କ ମଧ୍ୟରେ ଅନେକ ଜାତୀୟସ୍ତରର ଖ୍ୟାତିସମ୍ପନ୍ନ ଲେଖକ, ଚଳଚ୍ଚିତ୍ର ବ୍ୟକ୍ତିତ୍ୱ, ଅନୁବାଦକ, ଫଟୋଗ୍ରାଫର ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ରବିବାର 'କାଦମ୍ବିନୀ' ପତ୍ରିକାର ସମ୍ପାଦିକା ଇତି ସାମନ୍ତ ସୂଚନା ଦେଇଛନ୍ତି।

### 'ବନ୍ଧୁ'ର ବାର୍ଷିକ ଉତ୍ସବ

ଭୁବନେଶ୍ୱର,୨୫।୧୨(ବ୍ୟୁରୋ): ବାଲିଅନ୍ତା ବ୍ଲକସ୍ଥିତ ସତ୍ୟଭାମାପୁର ଉଚ୍ଚ ବିଦ୍ୟାଳୟର ୧୯୮୬ ମାଟ୍ରିକ ବ୍ୟାଚର ଛାତ୍ରଛାତ୍ରୀଙ୍କୁ ନେଇ ଗଠିତ ସାମାଜିକ ଅନୁଷ୍ଠାନ 'ବନ୍ଧୁ' (ବୋନାଫାଏଡ୍ ଆସୋସିଏଶନ ଫର ଡେଭେଲପ୍‌ମେଣ୍ଟ ଅଫ ନେଚର, ହେଲଥ କେୟାର ଆଣ୍ଡ ଅଣ୍ଡର ପ୍ରିଭିଲେଜ୍ଡ)ର ତୃତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ରଙ୍ଗ ବଜାର ନିକଟସ୍ଥ ଅଲାରପୁରର ମା' ଜାଗୁଲାଇ ସରସ୍ୱତୀ ଶିଶୁମନ୍ଦିରଠାରେ ଏହି ଅନୁଷ୍ଠାନର ବାର୍ଷିକ ଉତ୍ସବ, ବାର୍ଷିକ ଅଧିବେଶନ ତଥା ସ୍ଥାନୀୟ ସତ୍ୟଭାମାପୁର ଉଚ୍ଚ ବିଦ୍ୟାଳୟର ୧୯୮୬ ମାଟ୍ରିକ ବ୍ୟାଚର ବନ୍ଧୁ ମିଳନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବନ୍ଧୁ ୱେଲଫେୟାର ଟ୍ରଷ୍ଟ ଭାବେ ପଞ୍ଜୀକୃତ ହେବା ସହ ଅନୁଷ୍ଠାନର ସମାଜ କଲ୍ୟାଣକାରୀ କାର୍ଯ୍ୟପନ୍ଥା ଉପରେ ଆଲୋଚନା କରାଯାଇଥିଲା। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅନୁଷ୍ଠାନର ଉପଦେଷ୍ଟା ତଥା ପ୍ରାକ୍ତନ ଶିକ୍ଷକ ବିରଞ୍ଚି ନାରାୟଣ ମଣ୍ଡଳ ଯୋଗଦେଇଥିଲେ। 'ବନ୍ଧୁ'ର ସଭାପତି ଶ୍ରୀକାନ୍ତ ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମା' ଜାଗୁଲାଇ ସରସ୍ୱତୀ ଶିଶୁ ମନ୍ଦିରର ପ୍ରଧାନାଚାର୍ଯ୍ୟ ଶ୍ରୀକାନ୍ତ ଶେଖର ସାମନ୍ତରାୟ, ଅନୁଷ୍ଠାନର ସମ୍ପାଦକ ଫଗୁ ସାମଲ, ଅନୁଷ୍ଠାନର କୋଷାଧ୍ୟକ୍ଷ ସରୋଜ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ମା'ଜାଗୁଲାଇ ସରସ୍ୱତୀ ଶିଶୁମନ୍ଦିରର ପ୍ରତିଷ୍ଠାତା ସ୍ୱର୍ଗତ ଇଂ.ଚିତ୍ରସେନ ପରିଡ଼ାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ 'ବନ୍ଧୁ' ଅନୁଷ୍ଠାନର ଅନ୍ୟତମ ଉପଦେଷ୍ଟା ପଠାଣି ରାଉତ, ଅନୁଷ୍ଠାନର ଉପସଭାପତି ଶ୍ରୀମତୀ ସୁଚୀସ୍ମିତା ଦାସ, ଉପଦେଷ୍ଟା ଅନ୍ନପୂର୍ଣ୍ଣା ପାତ୍ର, ସହ ସମ୍ପାଦକ ସନାତନ ଦାସଙ୍କ ସମେତ ୪୦ଜଣ ବନ୍ଧୁ ଏକତ୍ରିତ ହୋଇ ପୂର୍ବ ସ୍ମୃତି ମନେପକାଇବା ସହ ନିଜ ଖୁସି ବାଣ୍ଟିଥିଲେ। 'ବନ୍ଧୁ'ର ଅନ୍ୟତମ ଉପଦେଷ୍ଟା ତଥା ପୁରୀ କେନ୍ଦ୍ରୀୟ ବିଦ୍ୟାଳୟର ଶିକ୍ଷକ ପ୍ରଦ୍ୟୁମ୍ନ କୁମାର ମାହାରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।





ବଡ଼ଦିନ ଅବସରରେ ସତ୍ୟନଗରସ୍ଥିତ ଚର୍ଚ୍ଚରେ ବାଇବେଲ ପାଠ ସହ ଖ୍ରୀଷ୍ଟ ଧର୍ମାବଲମ୍ବୀମାନେ ପ୍ରାର୍ଥନା କରୁଛନ୍ତି।

## 'ଗୁନାହୋଁ କା ଦେବତା'ର ଓଡ଼ିଆ ଅନୁବାଦ ଲୋକାର୍ପିତ

ଭୁବନେଶ୍ୱର,୨୫।୧୨(ବ୍ୟୁରୋ)

ହିନ୍ଦୀ ସାହିତ୍ୟିକ ଡ. ଧର୍ମବୀର ଭାରତୀଙ୍କ ପ୍ରସିଦ୍ଧ ଉପନ୍ୟାସ 'ଗୁନାହୋଁ କା ଦେବତା'ର ଓଡ଼ିଆ ଅନୁବାଦ 'ଅପରାଧର ଦେବତା' ରବିବାର ରାଜଭବନରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ପ୍ରଫେସର ଜୀବନକୃଷ୍ଣ ମହାପାତ୍ର ଏହାର ଅନୁବାଦ କରିଛନ୍ତି। ପ୍ରଫେସର ମହାପାତ୍ରଙ୍କୁ ରାଜ୍ୟପାଳ ପ୍ରଶଂସା କରିବା ସହିତ ପୁସ୍ତକଟି ବିପୁଳ ଆଦୃତି ଲାଭ କରିବ ବୋଲି ଆଶା ପ୍ରକାଶ କରିଛନ୍ତି। ଏହି ଅବସରରେ ଅନୁବାଦକଙ୍କ ସମେତ ତାଙ୍କ ପରିବାର ଲୋକେ ଉପସ୍ଥିତ ଥିଲେ।

# ଧୁମ୍‌ଧାମ୍‌ରେ ପାଳନ ହେଲା ବଡ଼ଦିନ

ଭୁବନେଶ୍ୱର,୨୫।୧୨(ବ୍ୟୁରୋ)

ବଡ଼ଦିନ ପାଳନ ପାଇଁ ରାଜଧାନୀର ବିଭିନ୍ନ ଚର୍ଚ୍ଚ ଚଳଚଞ୍ଚଳ ହୋଇପଡିଥିଲା। ଚଳିତବର୍ଷ କୋଭିଡ୍ କଟକଣା ଉଠି ଯାଇଥିବାରୁ ଲୋକମାନଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା। ଏହି ଅବସରରେ ଚର୍ଚ୍ଚଗୁଡିକୁ ରଙ୍ଗୀନ୍ ଆଲୋକରେ ସଜ୍ଜିତ କରାଯାଇଥିଲା। ଅନେକ ସାଣ୍ଟାକ୍ଲଜ ବେଶରେ ଲୋକଙ୍କ ମନରେ ଅଧିକ ଖୁସି ଆଣି ଦେଇଥିଲେ। ଲୋକମାନେ ବେଶ୍ ଜାକଜମକରେ ବଡ଼ଦିନ ପାଳନ କରିଥିଲେ। ପରିବାର, ସାଙ୍ଗସାଥୀଙ୍କ ସହ ଚର୍ଚ୍ଚକୁ ଆସି ପ୍ରାର୍ଥନା କରିଥିଲେ। ଏଥିପାଇଁ ରାଜଧାନୀର ୩୫ରୁ ଉର୍ଦ୍ଧ୍ୱ ଚର୍ଚ୍ଚରେ ଗହଳି ଦେଖିବାକୁ ମିଳିଥିଲା। ସତ୍ୟନଗରଠାରେ ଥିବା ଚର୍ଚ୍ଚରେ ଶନିବାର ବିଳମ୍ବିତ ରାତିରେ ଯିଶୁଖ୍ରୀଷ୍ଟ ଜନ୍ମଗ୍ରହଣ କରିଥିଲେ। ଗୋଲାପ ଫୁଲ ସମର୍ପଣ ପୂର୍ବକ କ୍ୟାଣ୍ଡେଲ ଜାଳି ଯିଶୁଙ୍କୁ ସ୍ମରଣ କରାଯାଇଥିଲା। ପରମ୍ପରା ମୁତାବକ ଗୁହାଳକୁ ସଜ୍ଜିତ କରାଯାଇଥିଲା। ଦୁଇଟି ପ୍ରାର୍ଥନା ଘରେ ଏକସାଙ୍ଗରେ ବସି ଅଧିକ ଲୋକ ପ୍ରାର୍ଥନା କରିବାର ସୁଯୋଗ ପାଇଥିଲେ। ଓଡ଼ିଆ, ହିନ୍ଦୀ, ଇଂଲିଶ, ମାଲାୟଲମ୍ ଭାଷାରେ ସାମୂହିକ ପ୍ରାର୍ଥନା କରାଯାଇଥିଲା। ସେହିପରି ୟୁନିୟନ ଚର୍ଚ୍ଚରେ ରବିବାର ପୂର୍ବାହ୍ନ ୧୦ରୁ ପ୍ରାର୍ଥନା ଆରମ୍ଭ ହୋଇଥିଲା। ଚେନ୍ନାଇରୁ ଆସିଥିବା ସ୍ୱତନ୍ତ୍ର ବକ୍ତା ଚାର୍ଲସ୍ ଜୋସେଫ୍ ଯୋଗଦେଇ ଉପସ୍ଥିତ ଭକ୍ତମାନଙ୍କୁ ଖ୍ରୀଷ୍ଟ ଧର୍ମ, ବାଇବେଲ୍‌ର ମହତ୍ତ୍ୱ ଏବଂ ଯିଶୁଙ୍କ ଜୀବନୀ ସମ୍ପର୍କରେ କହିଥିଲେ। ବଡ଼ଦିନ ପାଇଁ ବଜାରରେ ବିକ୍ରି ହେଉଥିବା ସେ ଟୋପିକୁ ପ୍ରାୟ ପିନ୍ଧିଥିଲେ। ଚର୍ଚ୍ଚ ଆସି କ୍ୟାଣ୍ଡେଲ ଜାଳି ଯିଶୁଙ୍କୁ ସ୍ମରଣ କରିଥିଲେ। ସାଙ୍ଗସାଥୀଙ୍କ ସହିତ ଚର୍ଚ୍ଚ ବୁଲିବା ସହ ସେଲ୍ଫି ନେଇ ମଜା ଉଠାଇଥିଲେ ଯୁବପିଢୀ। ଛୋଟପିଲାଙ୍କଠାରୁ ଆରମ୍ଭ କରି ବିଭିନ୍ନ ବର୍ଗର ଲୋକମାନେ ବଡ଼ଦିନକୁ ଆନନ୍ଦଉଲ୍ଲାସ ସହିତ ପାଳନ କରିଥିଲେ।

## 'ବାଜପେୟୀ ଦୂରଦ୍ରଷ୍ଟା, ଜନପ୍ରିୟ ନେତା ଥିଲେ'

ଭୁବନେଶ୍ୱର,୨୫।୧୨(ବ୍ୟୁରୋ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ୯୮ତମ ଜୟନ୍ତୀ ରବିବାର ପାଳିତ ହୋଇଯାଇଛି। ବିଭାଗୀୟ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଭୁବନେଶ୍ୱର ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ପ୍ରତିଷ୍ଠାନ ପରିସରରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ବାଜପେୟୀ ଜଣେ ଦୂରଦ୍ରଷ୍ଟା ଓ ଜନପ୍ରିୟ ନେତା ଥିଲେ। ଭୁବନେଶ୍ୱର ଏମ୍ସ ସହ ସ୍ୱର୍ଣ୍ଣ ଚତୁର୍ଭୁଜ ଯୋଜନାରେ ସଡ଼କ ନିର୍ମାଣ ଓ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ପ୍ରତି ଗ୍ରାମକୁ ସଡ଼କ ସଂଯୋଗ ସହ ଭାରତକୁ ପରମାଣୁ ଶକ୍ତିସମ୍ପନ୍ନ ଦେଶରେ ପରିଣତ କରିବା ତାଙ୍କର ବଡ଼ ପଦକ୍ଷେପ ଥିଲା ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ପ୍ରଫେସର ଡା. ପ୍ରବୋଧ କୁମାର ଦାଶ, ଡା. ମନୋଜ କୁମାର ମହାନ୍ତି, ଡା. ସତ୍ୟ ପ୍ରକାଶ ଏବଂ ଡା. ପ୍ରଭାସ ରଞ୍ଜନ ତ୍ରିପାଠୀଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନୁପମା ବେହେରା, ରୀତା ମହାନ୍ତି, ସରୋଜିନୀ ମିଶ୍ର, ସଞ୍ଜୟ କୁମାର ପରିଡ଼ା, ଗିରିଜା ଶଙ୍କର ମହାପାତ୍ର, ରମେଶ ଚନ୍ଦ୍ର ପାତାଳସିଂହଙ୍କ ସମେତ ଉଇ ଫର ଭୁବନେଶ୍ୱର ଏବଂ ଜୟ ଓଡ଼ିଶା ଅନୁଷ୍ଠାନର ସଦସ୍ୟମାନେ ଯୋଗ ଦେଇଥିଲେ।




ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରଠାରେ ରବିବାର ଅନୁଷ୍ଠିତ ଏସିଆନ ଆଷ୍ଟ୍ରୋଲୋଜର୍ସ କନ୍‌ଫରେନ୍ସରେ ଉପସ୍ଥିତ ଅତିଥି ଓ ଜ୍ୟୋତିର୍ବିଦ୍‌ମାନେ।

## ଗୀତ ଗାଇ ପ୍ରତିବାଦ କଲେ ଅଙ୍ଗନୱାଡ଼ି କର୍ମୀ

ଭୁବନେଶ୍ୱର,୨୫।୧୨(ବ୍ୟୁରୋ)

ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଅଲ ଓଡ଼ିଶା ଅଙ୍ଗନୱାଡ଼ି ଲେଡିଜ୍ ୱାର୍କସ ଆସୋସିଏଶନର ଆହ୍ୱାନ କ୍ରମେ ଅଙ୍ଗନୱାଡ଼ି କର୍ମଚାରୀମାନେ ଏକମାସରୁ ଅଧିକ ସମୟ ଧରି ଲୋୟର ପିଏମ୍‌ଜିରେ ଆନ୍ଦୋଳନ ଜାରି ରଖିଛନ୍ତି। ରବିବାର ଅନୁଗୁଳ ଜିଲାର ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାମାନେ ଆସି ଭିନ୍ନ ଢ଼ଙ୍ଗରେ ପ୍ରତିବାଦ କରିଛନ୍ତି। ସେମାନଙ୍କର ସମସ୍ୟା ଉପରେ ସରକାର ଆଲୋଚନା କରି ତୁରନ୍ତ ପଦକ୍ଷେପ ନେବା ପାଇଁ ଗୀତ ମାଧ୍ୟମରେ ଦାବି ଉପସ୍ଥାପନ କରିଛନ୍ତି। ଲକ୍ଷ୍ମୀ ପୁରାଣ ସ୍ୱରରେ ବିକ୍ଷୋଭକାରୀମାନେ ନିଜ ଦାବିକୁ ଗାଇ ଶୁଣାଇଛନ୍ତି। ଯଦି ସରକାର ଅଙ୍ଗନୱାଡ଼ି କର୍ମୀଙ୍କ ପ୍ରତି ଉଦାସୀନ ରୁହନ୍ତି, ତେବେ ଭବିଷ୍ୟତରେ ଆନ୍ଦୋଳନକୁ ବ୍ୟାପକ କରାଯାଇ ମହିଳା ଓ ଶିଶୁ ବିକାଶ ବିଭାଗକୁ ଅଚଳ କରିଦିଆଯିବ ବୋଲି ରାଜ୍ୟ ସଭାନେତ୍ରୀ ସୁମିତ୍ରା ମହାପାତ୍ର, ସାଧାରଣ ସମ୍ପାଦିକା ଝୁନୁପମା ଶତପଥୀ, ଅଖିଳ ଭାରତୀୟ ସଂଗଠନ ସମ୍ପାଦିକା ଅଞ୍ଜଳି ପଟେଲ ପ୍ରମୁଖ ଚେତାବନୀ ଦେଇଛନ୍ତି।

## ଖବରଦାତାଙ୍କୁ ହତ୍ୟା ଉଦ୍ୟମ:୨ ଗିରଫ

ଭୁବନେଶ୍ୱର,୨୫।୧୨(ବ୍ୟୁରୋ)

ଖବରଦାତାଙ୍କୁ ହତ୍ୟା ଉଦ୍ୟମ ଓ ଆକ୍ରମଣ କରି ଲୁଟ କରିବା ଅଭିଯୋଗରେ ଭରତପୁର ଥାନା ପୋଲିସ ୨ଜଣଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବରମୁଣ୍ଡା ଅଞ୍ଚଳର ସୁନିଲ ସ୍ୱାଇଁ ଓ କବି ପ୍ରସାଦ ମହାନ୍ତି। ସେହିପରି ଘଟଣାରେ ସଂପୃକ୍ତ ଅନ୍ୟ ଜଣେ ଅଭିଯୁକ୍ତ କମଳା ଫେରାର ଥିବା ଜଣାପଡ଼ିଛି। ସୂଚନାନୁଯାୟୀ, ଅଭିଯୋଗକାରୀ ସମ୍ବିତ ବେହେରା ଏକ ଗଣମାଧ୍ୟମରେ ଖବରଦାତା ଭାବେ କାମ କରନ୍ତି। ଶନିବାର ରାତିରେ ସେ ଡିୟୁଟି ସାରି ରୁମକୁ ଫେରୁଥିବା ବେଳେ ଫାୟାରଷ୍ଟେଶନ ଛକ ନିକଟରେ ଅଭିଯୁକ୍ତଦ୍ୱୟ ତାଙ୍କୁ ରାସ୍ତାରେ ଅଟକାଇବା ସହିତ ହଇରାଣ କରିଥିଲେ। ତାଙ୍କ ତଣ୍ଟି ଚିପି ଜୀବନରୁ ମାରିଦେବା ଲାଗି ଉଦ୍ୟମ କରିବାରୁ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହେବା ସହ ଠେଲାପେଲା ହୋଇଥିଲା। ଏହି ସମୟରେ ସେମାନେ ସମ୍ବିତଙ୍କ ପକେଟରୁ ମନିପର୍ସକୁ କାଢି ନେଇଯାଇଥିଲେ। ପରେ ଏନେଇ ସମ୍ବିତ ଭରତପୁର ଥାନାରେ ଅଭିଯୋଗ କରିଥିଲେ।





ଗିରଫ ଦୁଇ ଅଭିଯୁକ୍ତ।

## ପ୍ଲାନେଟାରିୟମ: ୩୨ ବର୍ଷରେ ସର୍ବାଧିକ ଆୟ

ଭୁବନେଶ୍ୱର,୨୫।୧୨(ବ୍ୟୁରୋ)

- ଦିନକରେ ୨୦ ଶୋ'
- ପରିଦର୍ଶନ କଲେ ୨,୭୧୦ ଦର୍ଶକ

ପର୍ଯ୍ୟଟନ ଋତୁ ଚାଲିଥିବାବେଳେ ପଠାଣି ସାମନ୍ତ ପ୍ଲାନେଟାରିୟମକୁ ଦର୍ଶକଙ୍କ ସୁଅ ଛୁଟିବାରେ ଲାଗିଛି। ରବିବାର ପ୍ଲାନେଟାରିୟମକୁ ୨,୭୧୦ ଦର୍ଶକ ପରିଦର୍ଶନ କରିଛନ୍ତି। ଦିନକରେ ୨୦ଟି ଶୋ' ପ୍ରଦର୍ଶିତ ହୋଇଥିବାବେଳେ ୬୭,୦୩୫ଟଙ୍କା ଆୟ ହୋଇଥିବା ପ୍ଲାନେଟାରିୟମ୍ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଗତ ୩୨ ବର୍ଷ ମଧ୍ୟରେ ପ୍ଲାନେଟାରିୟମ କରିଥିବା ଦୈନିକ ଆୟରେ ଏହା ସର୍ବାଧିକ। ବଡ଼ଦିନ ଅବସରରେ ଏଠାକୁ ଅଧିକ ସଂଖ୍ୟକ ପର୍ଯ୍ୟଟକ ଆଗମନକୁ ଦୃଷ୍ଟିରେ ରଖି ଅଧିକ ଶୋ'ର ବନ୍ଦୋବସ୍ତ କରାଯାଇଥିଲା। ଶନିବାର ୫୬,୧୦୦ ଟଙ୍କା ଓ ଶୁକ୍ରବାର ୪୮,୩୨୦ ଟଙ୍କା ଆୟ ହୋଇଥିଲା। ଆଗାମୀ ଦିନରେ ଅଧିକ ସଂଖ୍ୟକ ଦର୍ଶକ କିପରି ଆସିବେ ସେଦିଗରେ ପ୍ରୟାସ କରାଯାଉଥିବା ପ୍ଲାନେଟାରିୟମର ଉପନିର୍ଦ୍ଦେଶକ ଶୁଭେନ୍ଦୁ ପଟ୍ଟନାୟକ କହିଛନ୍ତି।

## ସୁରକ୍ଷା ପାଇଁ ୨୫ ପ୍ଲାଟୁନ ପୋଲିସ ଫୋର୍ସ

ପୁରୀ ଅଫିସ,୨୫।୧୨

**ଆଜି ବିଜେଡିର ୨୬ତମ ପ୍ରତିଷ୍ଠା ଦିବସ**

ବିଜେଡିର ୨୬ତମ ପ୍ରତିଷ୍ଠା ଦିବସ ତଥା ରୌପ୍ୟ ଜୟନ୍ତୀ ପୁରୀରେ ସୋମବାର ଭବ୍ୟ ସମାରୋହ ମଧ୍ୟରେ ପାଳନ କରାଯିବ। ଏଥିପାଇଁ ତାଳବଣିଆରେ ଦଳ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଦଳ ପକ୍ଷରୁ ମେଗା ଆୟୋଜନ କରାଯାଇଥିବାବେଳେ କାର୍ଯ୍ୟକ୍ରମ ସ୍ଥଳରେ ବିଶାଳ ଟେଣ୍ଟ ସାଙ୍ଗକୁ, ବ୍ୟାନର, ଗେଟ, ଫ୍ଲାଗ କାର୍ଡ ଓ ପୋଷ୍ଟର ଆଦି ବ୍ୟାପକ ଭାବେ ଲଗାଯାଇଛି। ମଞ୍ଚ, ଶେଡ୍, ବ୍ୟାରିକେଡ୍ କାର୍ଯ୍ୟ ମଧ୍ୟ ସରିଛି। ସେହିପରି ପୁରୀ ସହରରେ ଦଳୀୟ ପତାକା ସାଙ୍ଗକୁ ବ୍ୟାନର ଓ ହୋର୍ଡିଂ ଲଗାଯାଇଛି। କାର୍ଯ୍ୟକ୍ରମରେ ଦଳର ନେତା, ମନ୍ତ୍ରୀ, ବିଧାୟକ, ଜିଲାପରିଷଦ, ସରପଞ୍ଚ, ପୌର ସଦସ୍ୟ ସହ ରାଜ୍ୟର ବିଭିନ୍ନ ଅଞ୍ଚଳର ଜନ ପ୍ରତିନିଧି, କର୍ମୀ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥିନିମନ୍ତେ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ସୁରକ୍ଷା ଦୃଷ୍ଟିରୁ ପ୍ରାୟ ୨୫ ପ୍ଲାଟୁନ ପୋଲିସ ଫୋର୍ସ, ୧୦୦ ବରିଷ୍ଠ ଅଧିକାରୀ ଓ ୩ଜଣ ଅତିରିକ୍ତ ଏସ୍‌ପି ମୁତୟନ ରହିବେ। ଏବେ ପର୍ଯ୍ୟଟକଙ୍କ ସଂଖ୍ୟା ଅଧିକ ଥିବାରୁ ଯେପରି କୌଣସି ସମସ୍ୟା ନହେବ ସେଥିପାଇଁ ଧ୍ୟାନ ଦିଆଯାଇଛି।

## ମୋବାଇଲ ଲୁଟେରା ଗିରଫ, ସ୍କୁଟି ଜବତ

ବାଲୁଗାଁ,୨୫।୧୨(ଡି.ଏନ୍.ଏ.)

ଘରେ ପଶି ମୋବାଇଲ ଫୋନ୍ ଚୋରି କରିବା ଅଭିଯୋଗରେ ବାଲୁଗାଁ ଥାନା ପୋଲିସ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ବାଣପୁର ଅଞ୍ଚଳର ଶିବ ପ୍ରସାଦ ପଣ୍ଡା। ତାଙ୍କ ନିକଟରୁ ଚୋରିରେ ବ୍ୟବହୃତ ସ୍କୁଟି, ୪ଟି ମୋବାଇଲ ଫୋନ୍, ଏଟିଏମ୍ କାର୍ଡ ଏବଂ ୯୬୦୦ ଟଙ୍କା ଜବତ କରାଯାଇଛି। ପ୍ରକାଶ ଯେ, ବାଲୁଗାଁ ଅଞ୍ଚଳରେ ପରିବାର ଲୋକଙ୍କ ଅନୁପସ୍ଥିତିର ସୁଯୋଗ ନେଇ ମୋବାଇଲ ଚୋରି ସମ୍ପର୍କରେ ଦୁଇଟି ମାମଲା (ନଂ.୨୯୫,୨୯୬/୨୨) ପୋଲିସ ରୁଜୁକରି ତଦନ୍ତ ଚଳାଇଥିଲା।

## 'ରାସ୍ତାକଡ଼ରୁ ଦୋକାନ ଉଚ୍ଛେଦ ଅଗଣତାନ୍ତ୍ରିକ'

ଭୁବନେଶ୍ୱର,୨୫।୧୨(ବ୍ୟୁରୋ)

ଜାନୁୟାରୀରେ ହକି ବିଶ୍ୱକପ୍ ଆୟୋଜିତ ହେବାକୁ ଥିବାବେଳେ ସୌନ୍ଦର୍ଯ୍ୟକରଣ ପାଇଁ ଗତ କିଛି ସପ୍ତାହ ଧରି ଭୁବନେଶ୍ୱର ଓ ରାଉରକେଲା ସହରର ଅନେକ ଉଠା ଦୋକାନୀ, ସ୍ଥାୟୀ ଦୋକାନୀ, ଫେରିବାଲା ଓ ଠେଲାଗାଡ଼ି ଆଦି ଉଚ୍ଛେଦ କରାଯାଉଛି। ଏହାକୁ ଅଗଣତାନ୍ତ୍ରିକ ଓ ଅମାନବୀୟ ଦର୍ଶାଇ 'ଗଣତାନ୍ତ୍ରିକ ଅଧିକାର ସୁରକ୍ଷା ସଂଗଠନ' ପକ୍ଷରୁ ପ୍ରତିବାଦ କରାଯାଇଛି। ଓଡିଶାର ଦୁଇ ପ୍ରମୁଖ ସହରର ହଜାର ହଜାର ସଂଖ୍ୟାର ଦୋକାନଙ୍କୁ ଭାଙ୍ଗି ସେମାନଙ୍କ ଜୀବିକା ଛଡ଼ାଇ ନିଆଯାଉଛି। ଏହାଦ୍ୱାରା ରାଜ୍ୟର ଅର୍ଥନୀତି ଅଧିକ ଦୁର୍ବଳ ହେବ ଓ ସ୍ୱାଭିମାନୀ ଓଡିଆ ଯୁବ ବ୍ୟବସାୟୀ ବାହାର ରାଜ୍ୟକୁ ପ୍ରବାସୀ ଶ୍ରମିକ ଭାବରେ ଦାଦନ ଖଟିବାକୁ ଯିବେ, ଏଥିରେ ସନ୍ଦେହ ନାହିଁ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ଭୁବନେଶ୍ୱର ଓ ରାଉରକେଲା ସହରରେ ଏହି କ୍ଷୁଦ୍ର ବ୍ୟବସାୟୀମାନେ ପ୍ରତିଦିନ ଲକ୍ଷାଧିକ ଟଙ୍କାର ବ୍ୟବସାୟ କରୁଥିଲେ। ସେମାନଙ୍କ ବିକ୍ରି ଉପରେ ଟିକସ ଲାଗୁ କରି ରାଜ୍ୟ ସରକାର ଓ କେନ୍ଦ୍ର ସରକାର ନିଜର ଆୟ ମଧ ବଢାଇ ପାରୁଥିଲେ। ରାଜ୍ୟ ସରକାର ସେହି ଦୋକାନମାନଙ୍କୁ ଧ୍ୱଂସ କରିଦେବା ସମଗ୍ର ଦେଶ ପାଇଁ ହାନିକାରକ। ଯେଉଁମାନେ ଦୀର୍ଘ ଦିନର କରୋନା ଓ ଲକ୍‌ଡାଉନ ପରେ ନିଜ ଚେଷ୍ଟା ଦ୍ୱାରା ବ୍ୟବସାୟରେ ସାମାନ୍ୟ ଉନ୍ନତି ଆଣୁଥିଲେ ସେମାନଙ୍କୁ ପୁଣିଥରେ ରାଜ୍ୟ ସରକାର ଜୀବିକାହୀନ କରିଦେଇଛନ୍ତି। ରାସ୍ତା କଡ଼ ଉଠାଦୋକାନୀ ଆଇନ, ୨୦୧୪ ଧାରା ୩ ଓ ସମ୍ବିଧାନର ବଞ୍ଚିବାର ଅଧିକାର (ଧାରା ୨୧)ର ଖୋଲା ଉଲ୍ଲଂଘନ ବୋଲି ସଂଗଠନ ପକ୍ଷରୁ ଦର୍ଶାଯାଇଛି। ରାଜ୍ୟ ସରକାର ଆଇନକୁ ସମ୍ମାନ ଦିଅନ୍ତୁ ଓ ଭଙ୍ଗାଯାଇଥିବା ଦୋକାନୀମାନଙ୍କୁ ତୁରନ୍ତ କ୍ଷତିପୂରଣ ଦିଅନ୍ତୁ ବୋଲି ସଂଗଠନ ପକ୍ଷରୁ ଦାବି କରାଯାଇଛି।



ଖ୍ରୀଷ୍ଟମାସ ଅବସରରେ ରବିବାର 'ଉଡ୍ର' ଚ୍ୟାରିଟେବଲ୍ ଟ୍ରଷ୍ଟ ପକ୍ଷରୁ ଭୁବନେଶ୍ୱର ପଳାସପଲ୍ଲୀସ୍ଥିତ ଓଡ଼ିଶା ବଧିର ଆସୋସିଏଶନଠାରେ 'ବଡ଼ ଦିନ ବଡ଼ ସ୍ୱପ୍ନ' କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଅତିଥି ଏବଂ କୁନିକୁନି ପିଲାମାନେ।



ଉଇ କ୍ୟାନ ଚ୍ୟାରିଟେବଲ୍ ଟ୍ରଷ୍ଟ ପକ୍ଷରୁ ରବିବାର ବଡ଼ଦିନ ଅବସରରେ ସ୍ଥାନୀୟ ୟୁନିଟ-୬ସ୍ଥିତ ସତ୍ୟଭାମା ଦେବୀ ଶ୍ରବଣ ବାଧିତ କଲେଜଠାରେ ଥିବା ଛାତ୍ରୀଛାତ୍ରଙ୍କୁ ଖାଦ୍ୟ ସହ କେକ୍ ଓ ଚକୋଲେଟ ପ୍ରଦାନ କରାଯାଉଛି।

### ସ୍ୱେଚ୍ଛାସେବୀ ସଙ୍ଗଠନର ସହାୟତା

ଜଟଣୀ,(ଡି.ଏନ୍.ଏ.): ଜଟଣୀ ପୌରାଞ୍ଚଳ ଅଧୀନ ମା'ଭେଲାନକନୀ ସେବା ଟ୍ରଷ୍ଟ ପକ୍ଷରୁ ବଡ଼ଦିନ ଅବସରରେ ଅସହାୟ ବ୍ୟକ୍ତିଙ୍କୁ ସହାୟତା ପ୍ରଦାନ କରାଯାଇଛି। ସ୍ଥାନୀୟ ଉତ୍ତରାୟଣୀ ମନ୍ଦିର ପରିସରରୁ ଏକ ଶୋଭାଯାତ୍ରା ବାହାରି ଷ୍ଟେଶନ ଅଞ୍ଚଳ, ହାଟବଜାର, ବାଲିଛକ ମୁଣ୍ଡିଆସାହି, ମ୍ୟୁନିସିପାଲିଟି ଛକ, ମୋ ଜଟଣୀ ପାର୍କ, କୁଦିଆରୀ ବଜାର ଦେଇ ସହର ପରିକ୍ରମା କରିଥିଲା। କୁଦିଆରୀ ବଜାରସ୍ଥିତ ଗାନ୍ଧୀ କଲୋନୀରେ ଗରିବ, ଅସହାୟଙ୍କୁ ରନ୍ଧା ଖାଦ୍ୟ ସହିତ ଶୁଖିଲା ଖାଦ୍ୟ ଏବଂ କମ୍ବଳ ପ୍ରଦାନ କରାଯାଇଥିଲା। ସଙ୍ଗଠନର ସଭାପତି ବିରଞ୍ଚି ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଙ୍ଗଠନର ବହୁ ସଦସ୍ୟ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ଉଇଲକିଶନ ନଗରରେ ତୁଳସୀ ପୂଜନ

**ଖୋର୍ଦ୍ଧା ଅଫିସ,୨୫।୧୨:** ଖୋର୍ଦ୍ଧା ବ୍ଲକ ଟାଙ୍ଗିଆପଡ଼ା ପଞ୍ଚାୟତର ଉଇଲକିଶନ ନଗର ଗ୍ରାମରେ ତୁଳସୀ ପୂଜନ ଦିବସ ରବିବାର ପାଳିତ ହୋଇଯାଇଛି। ସନ୍ଧ୍ୟାରେ ଗ୍ରାମର ଭାଗବତ ଦେବ ପୀଠ ଓ ରାଧାକୃଷ୍ଣ ମନ୍ଦିରଠାରେ ରୀତିନୀତି ଅନୁଯାୟୀ ତୁଳସୀ ପୂଜନ କରିଥିଲେ। ବୃନ୍ଦାବତୀ ଚଉରାକୁ ଫୁଲରେ ସୁସଜ୍ଜିତ କରାଯାଇଥିଲା। ଶ୍ରଦ୍ଧାଳୁମାନେ ଦୀପ ପ୍ରଜ୍ୱଳନ, ବନ୍ଦାପନା ସହ ନୈବେଦ୍ୟ ଅର୍ପଣ କରିଥିଲେ। ସଂକୀର୍ତ୍ତନ କରାଯାଇ ତୁଳସୀର ମାହାତ୍ମ୍ୟ ଉପରେ ଆଲୋଚନା କରାଯାଇଥିଲା। ବିଶ୍ୱନାଥ ନନ୍ଦ, ଶରତ ବଳିୟାରସିଂ, ସନାତନ ବିଶ୍ୱାଳ, ଦୀନେଶ ବେହେରା, ଗୟାଧର ବାରିକ, ଅର୍ଜୁନ ସାହୁ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

### ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ: ସେମିରେ କିଆଝର

**ବେଗୁନିଆ,୨୫।୧୨(ଡି.ଏନ୍.ଏ.):** ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ଼ ନୀଳକଣ୍ଠ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଭୁବନେଶ୍ୱର ଜୋନ୍ ଇଣ୍ଡିଆନ ବ୍ୟାଙ୍କ ସିକ୍ୟୁରିଟି ମ୍ୟାନେଜର ସମର ବଲ୍ଲଭ ରଥ ମୁଖ୍ୟ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଅତିଥିଭାବେ ସ୍ଥାନୀୟ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ ମହାପାତ୍ର, ସୁରେନ୍ଦ୍ର ପଣ୍ଡା, ରାଧାଶ୍ୟାମ ସାହୁ, ଜ୍ୟୋତିପ୍ରକାଶ ବାହିନୀପତି ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। କିଆଝରର ସ୍ମାର୍ଟ କ୍ରିକେଟ କ୍ଲବ ଓ କୁମାରବସ୍ତର ରାଇଜିଂ ଷ୍ଟାର କ୍ରିକେଟ କ୍ଲବ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ହୋଇଥିଲା। ଟସ୍ ଜିତି କିଆଝର ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। କୁମାରବସ୍ତ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୧୮୮ ରନ ସଂଗ୍ରହ କରିଥିଲା। ଜବାବରେ କିଆଝର ଟିମ୍ ୧୯.୨ ଓଭରରେ ୮ ଉଇକେଟ ହରାଇ ୧୮୯ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଶ୍ରୀକାନ୍ତ ବାହିନୀପତି ଓ ବିନୟ ପାଇକରାୟ ମ୍ୟାଚ ପରିଚାଳନା କରିଥିଲେ। ସିଦ୍ଧେଶ୍ୱର ବେହେରା ଓ ସଞ୍ଜୟ ପାଣିଗ୍ରାହୀ ସ୍କୋର ଦାୟିତ୍ୱ ତୁଲାଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ଶିକ୍ଷାବିତ୍ ରାଜକିଶୋର ପାଣିଗ୍ରାହୀ ଯୋଗଦେଇଥିଲେ। ତୁତୁଲ ତ୍ରିପାଠୀଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଆୟୋଜକ କ୍ଲବର ସଭାପତି ମାନସ ରଞ୍ଜନ ଦାଶ, ସମ୍ପାଦକ ସୌମ୍ୟରଞ୍ଜନ ଦାଶ ଓ ସଦସ୍ୟମାନେ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

### ଜାତୀୟ ସେବା ସଂସ୍ଥାର ସ୍ୱତନ୍ତ୍ର ଶିବିର

**ବୋଲଗଡ଼,୨୫।୧୨(ଡି.ଏନ୍.ଏ.):** ବୋଲଗଡ଼ ବ୍ଲକ ଅନ୍ତର୍ଗତ ଦେଉଳିସ୍ଥିତ ରାଧା ମାଧବ ସଂସ୍କୃତ ମହାବିଦ୍ୟାଳୟ ଆନୁକୂଲ୍ୟରେ ଜାତୀୟ ସେବା ସଂସ୍ଥାର ସ୍ୱତନ୍ତ୍ର ଶିବିର ରବିବାର ଉଦ୍‌ଘାଟିତ ହୋଇଯାଇଛି। ଅନୁଷ୍ଠାନର ଅଧକ୍ଷ ବଟକୃଷ୍ଣ ସାହୁଙ୍କ ସଭାପତିତ୍ୱ ଏବଂ ଅଧାପକ ପ୍ରଦୀପ ସହୁଙ୍କ ସଂଯୋଜନାରେ ମୁଖ୍ୟ ଅତିଥିଭାବେ ଶିକ୍ଷାବିତ୍ ପଞ୍ଚାନନ ରଥ ଯୋଗଦେଇ ମଦ ମୁକ୍ତ ଓ ପରିବେଶ ସ୍ୱଚ୍ଛତା ସମ୍ପର୍କରେ ଆଲୋକପାତ କରିଥିଲେ। ଶିବିରରେ ୫୦ଜଣ ଏନଏସ୍ଏସ୍ ଶିବିରାର୍ଥୀ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମ ଆସନ୍ତା ୩୦ତାରିଖରେ ଉଦଯାପିତ ହେବ ବୋଲି ଅନୁଷ୍ଠାନର ଅଧାପକ ବ୍ରହ୍ମାନନ୍ଦ ନାୟକ କହିଛନ୍ତି। ମାଳତି କଅଁର ଧନ୍ୟବାଦ ଦେଇଥିଲେ।

### ଚିଲିକା ପରିଭ୍ରମଣରେ ୫୦ହଜାର ପର୍ଯ୍ୟଟକ

**ବାଲୁଗାଁ,୨୫।୧୨(ଡି.ଏନ୍.ଏ.):** ବଡ଼ଦିନ ଉପଲକ୍ଷେ ପର୍ଯ୍ୟଟକଙ୍କ ଆଗମନରେ ଚିଲିକା ଚଳଚଞ୍ଚଳ ହୋଇଉଠିଛି। ବିଭିନ୍ନ ପ୍ରାନ୍ତରୁ ୫୦ ହଜାରରୁ ଉର୍ଦ୍ଧ୍ୱ ପର୍ଯ୍ୟଟକଙ୍କ ଆଗମନ ହୋଇଥିବା ବେଳେ କାଳୀଜାଇଙ୍କ ପୀଠରେ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା। କାଳିଯାଇ ପୀଠକୁ ପର୍ଯ୍ୟଟକଙ୍କ ଯାତାୟାତ ନିମନ୍ତେ ଡଙ୍ଗା ଓ ଲଞ୍ଚର ବ୍ୟବସ୍ଥା କରାଯାଇଥିଲା। ପର୍ଯ୍ୟଟକମାନେ କାଳିଜାଇଙ୍କ ଦର୍ଶନ ସହ ଚିଲିକାରେ ବିଦେଶାଗତ ପକ୍ଷୀଙ୍କ ଜଳ କ୍ରୀଡା ଓ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିଥିଲେ। ତେବେ ଯାତ୍ରୀଙ୍କ ସୁରକ୍ଷା ନିମନ୍ତେ ପ୍ରସାସନ ପକ୍ଷରୁ ବିଭିନ୍ନ ନିୟମ ଜାରି କରାଯାଇଥିଲା। ତେବେ ନିୟମ ନ ମାନି କେତେଜଣ ଡଙ୍ଗା ଚାଳକ ବିନା ଲାଇଫ ଜ୍ୟାକେଟରେ ଯାତ୍ରୀ ପରିବହନ କରୁଥିବା ଦେଖିବାକୁ ମିଳିଥିଲା। ଡଙ୍ଗା ମାଲିକ ସଂଘ ପକ୍ଷରୁ ମଧ୍ୟ ଏନେଇ ଡାକବାଜି ଯନ୍ତ୍ର ଦ୍ୱାରା ସଚେତନ କରାଯାଇଥିଲେ ମଧ୍ୟ ଯାତ୍ରୀମାନେ ଶୁଣି ନ ଥିଲେ। ପ୍ରଶାସନ ଯାତ୍ରୀଙ୍କ ସୁରକ୍ଷା ଦିଗରେ ପଦକ୍ଷେପ ନେବା ପାଇଁ ସାଧାରଣରେ ଦାବି ହେଉଛି।

# ଥାନା ଘେରିଲା ଭାଜପା ମହିଳା ମୋର୍ଚ୍ଚା

## ମହିଳାଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣା

**ଖୋର୍ଦ୍ଧା ଅଫିସ,୨୫।୧୨**

ମଳିପଡ଼ାସ୍ଥିତ ଏକ ହୋଟେଲରେ ମହିଳାଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣାରେ ଜଙ୍କିଆ ପୋଲିସର ତଦନ୍ତକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆକ୍ରମଣର ଶିକାର ହୋଇଥିବା ମହିଳାଙ୍କ ଅଭିଯୋଗକୁ ଗୁରୁତ୍ୱ ଦେବା ପରିବର୍ତ୍ତେ ଆକ୍ରମଣକାରୀଙ୍କୁ ସୁରକ୍ଷା ଦେଉଛି ପୋଲିସ। ଏପରି କି ଆକ୍ରମଣକାରୀଙ୍କ ଅଭିଯୋଗକ୍ରମେ ଆହତ ମହିଳାଙ୍କ ବିରୋଧରେ ମାମଲା ରୁଜୁକୁ ନେଇ ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ ଉଠାଇଛି ଭାରତୀୟ ଜନତା ପାର୍ଟି ମହିଳା ମୋର୍ଚ୍ଚା। ଏହାର ପ୍ରତିବାଦରେ ରବିବାର ପୂର୍ବାହ୍ନରେ ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ସୁମିତ୍ରା ପ୍ରଧାନଙ୍କ ନେତୃତ୍ୱରେ ଶତାଧିକ ମହିଳା ଜଙ୍କିଆ ଥାନା ଆଗରେ ବିକ୍ଷୋଭ କରିଥିଲେ। ଏହି ସମୟରେ ଥାନାରେ କେହି ଅଧିକାରୀ ଉପସ୍ଥିତ ନ ଥିବା ଜଣାପଡ଼ିଛି। ପରେ ନିରାକାରପୁର ଥାନାର ଜଣେ ମହିଳା ଅଧିକାରୀ ପହଞ୍ଚି ବିକ୍ଷୋଭକାରୀଙ୍କ ସହ ଆଲୋଚନା କରିଥିଲେ। ଘଟଣାର ନିରପେକ୍ଷ ତଦନ୍ତ ସହ ମହିଳାଙ୍କୁ ସୁରକ୍ଷା, ଆକ୍ରମଣକାରୀଙ୍କୁ



ଜଙ୍କିଆ ଥାନା ଆଗରେ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଗିରଫ ଲାଗି ଦାବି କରିଥିଲେ। ନଚେତ ଆଗାମୀ ଦିନରେ ଜଙ୍କିଆ ଥାନାକୁ ଅଚଳ କରିଦିଆଯିବ ବୋଲି ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ଚେତାବନୀ ଦିଆଯାଇଛି।

ଅଭିଯୋଗ ମୁତାବକ, ମଳିପଡ଼ାସ୍ଥିତ କଲେଜ ନିକଟରେ ଯୁଗଳ କିଶୋର ମିଶ୍ରଙ୍କ ଏକ ହୋଟେଲ ରହିଛି। ତେବେ ଯୁଗଳଙ୍କ ଦେହାନ୍ତ ପରେ ତାଙ୍କ ୪ ଝିଅ ସବିତା, ସୋନି, ମୋନି ଓ ମୌସୁମୀ ହୋଟେଲ ଚଳାଇ ପରିବାର ଗୁଜରାଣ ମେଣ୍ଟାଉଛନ୍ତି। ଗତ ନଭେମ୍ବର ୧୭ରେ ଦୁଇଜଣ ଯୁବକ ହୋଟେଲରେ ପହଞ୍ଚି କୌଣସି କାରଣକୁ ନେଇ ସଂଘବଦ୍ଧ ଭାବେ ମୌସୁମୀଙ୍କୁ ଆକ୍ରମଣ କରିଥିଲେ। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ଏନେଇ ମୌସୁମୀ ଜଙ୍କିଆ ଥାନାରେ ଅଭିଯୋଗ କରିଥିଲେ। ସେହିଦିନ ପ୍ରତିପକ୍ଷ ମଧ୍ୟ ଥାନାରେ ଏତଲା ଦେଇଥିଲେ। ତେବେ ପୋଲିସ ଆକ୍ରମଣକାରୀଙ୍କ ଅଭିଯୋଗ ଉପରେ ଏକ ମାମଲା ରୁଜୁ କରିଥିବା ବେଳେ ମୌସୁମୀଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଇ ନ ଥିଲା। ୨୩ ତାରିଖ ରାତିରେ ସମ୍ପୃକ୍ତ ଯୁବକମାନେ ସହଯୋଗୀଙ୍କ ସହ ଗାଳିଗୁଲଜ କରିଥିଲେ। ଏପରି କି ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଏନେଇ ଶନିବାର ସରିତା ଓ ସୋନି ତାଙ୍କ ପରିବାରକୁ ସୁରକ୍ଷା ଦେବା ଲାଗି ଏସ୍‌ପିଙ୍କୁ ଲିଖିତ ଅନୁରୋଧ କରିଥିଲେ। ତେବେ ଏଯାଏ ପୋଲିସ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏନେଇ ମହିଳା ମୋର୍ଚ୍ଚା ସମ୍ପାଦିକା ପ୍ରଧାନ କୁହନ୍ତି, ଘଟଣା ସମ୍ପର୍କରେ ଏସ୍‌ପିଙ୍କ ନିକଟରେ ଅଭିଯୋଗ ହୋଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଗଲାନାହିଁ। ମହିଳାଙ୍କୁ ସୁରକ୍ଷା ଦେବାରେ ପୋଲିସ ବିଫଳ ହୋଇଛି। ଅନ୍ୟପକ୍ଷରେ ଏନେଇ ଏସ୍‌ପିଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

## ମୋବାଇଲ ଲୁଟେରା ଗିରଫ, ସ୍କୁଟି ଜବତ



**ବାଲୁଗାଁ,୨୫।୧୨(ଡି.ଏନ୍.ଏ.)**

ଘରେ ପଶି ମୋବାଇଲ ଫୋନ୍ ଚୋରି କରିବା ଅଭିଯୋଗରେ ବାଲୁଗାଁ ଥାନା ପୋଲିସ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ବାଣପୁର ଅଞ୍ଚଳର ଶିବ ପ୍ରସାଦ ପଣ୍ଡା। ତାଙ୍କ ନିକଟରୁ ଚୋରିରେ ବ୍ୟବହୃତ ସ୍କୁଟି, ୪ଟି ମୋବାଇଲ ଫୋନ୍, ଏଟିଏମ୍ କାର୍ଡ ଏବଂ ୯୬୦୦ ଟଙ୍କା ଜବତ କରାଯାଇଛି। ପ୍ରକାଶ ଯେ, ବାଲୁଗାଁ ଅଞ୍ଚଳରେ ପରିବାର ଲୋକଙ୍କ ଅନୁପସ୍ଥିତିର ସୁଯୋଗ ନେଇ ମୋବାଇଲ ଚୋରି ସମ୍ପର୍କରେ ଦୁଇଟି ମାମଲା (ନଂ.୨୯୫,୨୯୬/୨୨) ପୋଲିସ ରୁଜୁକରି ତଦନ୍ତ ଚଳାଇଥିଲା। ଅଭିଯୋଗକାରୀଙ୍କ ସିସିଟିଭି ଫୁଟେଜକୁ ଆଧାର କରି ବାଲୁଗାଁ ଆଇଆଇସି ରଶ୍ମିରଞ୍ଜନ ଦାଶଙ୍କ ନେତୃତ୍ୱରେ ଏକ ଟିମ୍ ଶିବଙ୍କୁ ଧରିଥିଲା।



**କୃଷ୍ଣପ୍ରସାଦ:** ରବିବାର ବଡ଼ଦିନ ଅବସରରେ କାଳିଜାଇ ପୀଠରେ ପର୍ଯ୍ୟଟକଙ୍କ ଗହଳି।

## କାଳିଜାଇ ପୀଠରେ ପର୍ଯ୍ୟଟକଙ୍କ ଭିଡ଼

**କୃଷ୍ଣପ୍ରସାଦ,୨୫।୧୨(ଡି.ଏନ୍.ଏ.)**

ପୁରୀ ଜିଲା ଅନ୍ତର୍ଗତ ଚିଲିକାର ଅଧିଷ୍ଠାତ୍ରୀ ତଥା ପାରିକୁଦର ଇଷ୍ଟଦେବୀ ମା' କାଳିଜାଇଙ୍କ ପୀଠ ବଡ଼ଦିନ ପାଇଁ ଚଳଚଞ୍ଚଳ ହୋଇଉଠିଥିଲା। ଏଠାରେ ସକାଳୁ ବିଭିନ୍ନ ଅଞ୍ଚଳରୁ ଆସିଥିବା ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ନୌବିହାର, ବିଦେଶୀ ପକ୍ଷୀଙ୍କ ଆଗମନ ଓ କାଳିଜାଇ ପୀଠ ଦର୍ଶକଙ୍କୁ ଆକର୍ଷିତ କରିଛି। ଭିଡ଼ ନିୟନ୍ତ୍ରଣ ଓ ମା'ଙ୍କ ଶୃଙ୍ଖଳିତ ଦର୍ଶନ ନିମନ୍ତେ ବ୍ୟାରିକେଡ୍ ବ୍ୟବସ୍ଥା କରାଯାଇଥିଲା। କୃଷ୍ଣପ୍ରସାଦ ଆଇଆଇସି ଶରତ କୁମାର ନାୟକଙ୍କ ନେତୃତ୍ୱରେ ପୀଠରେ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ପ୍ରକାଶ ଯେ, ପ୍ରସିଦ୍ଧ ମକରମେଳା ନିମନ୍ତେ ଏବେଠାରୁ ଏଠାରେ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି।

## ତପନ ସଭାପତି, ଲୋହିତ ସାଧାରଣ ସମ୍ପାଦକ

**ଖୋର୍ଦ୍ଧା ଅଫିସ,୨୫।୧୨**

ଖୋର୍ଦ୍ଧା ଜିଲା ସାମ୍ବାଦିକ ସଂଘ(କେଡିୟୁଜେ) ପକ୍ଷରୁ ସାଧାରଣ ବୈଠକ ଓ କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମ ସ୍ଥାନୀୟ ପୂର୍ତ୍ତବଙ୍ଗଳାଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସାମ୍ପ୍ରତିକ ସମୟରେ ସାମ୍ବାଦିକଙ୍କ ଦାୟିତ୍ୱବୋଧ ବିଷୟରେ ଆଲୋକପାତ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ସଂଘର ଜିଲା କର୍ମକର୍ତ୍ତା ଚୟନ କରାଯାଇଥିଲା। ସର୍ବସମ୍ମତିକ୍ରମେ ଜିଲାର ସଭାପତି ଭାବେ ତପନ କୁମାର ନାୟକ ଓ ସାଧାରଣ ସମ୍ପାଦକ ଭାବେ ଲୋହିତ ନାରାୟଣ ମହାପାତ୍ର ମନୋନୀତ ହୋଇଛନ୍ତି। ରବୀନ୍ଦ୍ର କୁମାର ମିଶ୍ର, ସୟଦ ଅନ୍‌ସର ଅଲ୍ଲୀ ଉପସଭାପତି ଏବଂ ଦିଲୀପ ଶତପଥୀ ସମ୍ପାଦକ, ଅଜିତ ମିଶ୍ର କୋଷାଧକ୍ଷ, ସନତ୍ ପଟ୍ଟନାୟକ ମାର୍ଗଦର୍ଶକ, ପ୍ରସନ୍ନ ପାଇକରାୟ, ଜୟନ୍ତ ରାୟ, ଦିଲୀପ ହୋତା ଓ ଶ୍ରୀକାନ୍ତ ପ୍ରଧାନ ପ୍ରମୁଖ ରହିଛନ୍ତି। କାର୍ଯ୍ୟକାରିଣୀ ସଦସ୍ୟ ଭାବେ ସୁଶାନ୍ତ ବିଶ୍ୱାଳ ମନୋନୀତ ହୋଇଛନ୍ତି। କେଡିୟୁଜେର ସଦସ୍ୟା ଶୁଭଲକ୍ଷ୍ମୀ ସାମନ୍ତରାୟ, ସଂଗ୍ରାମ ହୋତା, ପ୍ରକାଶ ପଟ୍ଟନାୟକ, ସୁରେଶ ପ୍ରଧାନ, ନାରାୟଣ ମହାନ୍ତି ପରିଚାଳନା କରିଥିଲେ।

## ଶାଳିଆ ପ୍ରେସ୍ କ୍ଲବର ବାର୍ଷିକ ଆଲୋଚନାଚକ୍ର

**ଗମ୍ଭାରୀମୁଣ୍ଡା,୨୫।୧୨(ଡି.ଏନ୍.ଏ.)**

ବାଲୁଗାଁସ୍ଥିତ ଶାଳିଆ ପ୍ରେସ୍ କ୍ଲବର ବାର୍ଷିକ ଆଲୋଚନାଚକ୍ର ରବିବାର ବାଣପୁରସ୍ଥିତ ମା' ବିରଜାଇ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଅଜିତ କୁମାର ସାହୁଙ୍କ ସଭାପତିତ୍ୱରେ ସମ୍ପାଦକ ସୁଧୀର କୁମାର ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ଚଳିତ ବର୍ଷ ସଂଘ ଦ୍ୱାରା ଅନୁଷ୍ଠିତ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବାଣପୁର, ବାଲୁଗାଁ ଓ ଚିଲିକା ଅଞ୍ଚଳର ଜନସାଧାରଣଙ୍କ ସ୍ୱାର୍ଥ ଏବଂ ଅଞ୍ଚଳର ଉନ୍ନତି ପାଇଁ ଉକ୍ତ ପ୍ରେସ୍ କ୍ଲବ ସର୍ବଦା ବଦ୍ଧପରିକର ବୋଲି ସଂଘ ସଭାପତି ସାହୁ କହିଥିଲେ। ପ୍ରଶାସନିକ ଅବହେଳାର ଶିକାର ହୋଇଥିବା ବ୍ୟକ୍ତିଙ୍କୁ କିପରି ନ୍ୟାୟ ପ୍ରଦାନ କରାଯାଇପାରିବ ସେ ଦିଗରେ ସଂଘ ଚେଷ୍ଟା ଜାରି ରଖିଛି ବୋଲି ମତପ୍ରକାଶ ପାଇଥିଲା। ଆଗାମୀ ବର୍ଷରେ କ୍ଲବ ପକ୍ଷରୁ ବାଣପୁର-ବାଲୁଗାଁରେ ଅନୁଷ୍ଠିତ ହେବାକୁ ଥିବା ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ସ୍ଥିର କରାଯାଇଥିଲା। ଉପସଭାପତି ସୀତାରାମ ଅଗ୍ରୱାଲ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସଂଘର କର୍ମକର୍ତ୍ତା ସହଯୋଗ କରିଥିଲେ।

## ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ: ମଳିପଡ଼ା, ରଣପୁର ବିଜୟୀ

**ଖୋର୍ଦ୍ଧା ଅଫିସ,୨୫।୧୨**

ମଳିପଡ଼ା ବଜରଙ୍ଗୀ ଫୁଟବଲ ଆସୋସିଏଶନ ଦ୍ୱାରା ରବୀନ୍ଦ୍ର ମାନ୍ଧାତା ସ୍ମାରକୀ ୨ୟ ବାର୍ଷିକୀ ଫୁଟ୍‌ବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ଦିବସରେ ଦୁଇଟି ମ୍ୟାଚ ହୋଇଥିଲା। ପ୍ରଥମ ମ୍ୟାଚ୍ ମଳିପଡ଼ା ଓ ଖୋର୍ଦ୍ଧା ଟିମ୍ ମଧ୍ୟରେ ହୋଇଥିଲା । ମଳିପଡ଼ା ଟିମ୍ ପେନାଲ୍‌ଟି ଶୁଟ୍ ଆଉଟ୍‌ରେ ୪-୩ରେ ବିଜୟୀ ହୋଇଛି । ସେହିପରି ଦ୍ୱିତୀୟ ମ୍ୟାଚ୍ ରଣପୁର ଏବଂ ନୟାଗଡ଼ ଟିମ୍ ମଧ୍ୟରେ ଖେଳାଯାଇଥିଲା । ଏଥିରେ ରଣପୁର ଟିମ୍ ୩-୨ ଗୋଲରେ ବିଜୟୀ ହୋଇଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ବିଜୁ ମହିଳା ଜନତା ଦଳର ରାଜ୍ୟ ଉପସଭାପତି ବାସନ୍ତୀ ମହାପାତ୍ର, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଳୁଚରଣ ଖଣ୍ଡେଇତରାୟ, କ୍ରୀଡ଼ାବିତ୍ ଫକୀର ଚରଣ ନିଶଙ୍କ, ପୂର୍ଣ୍ଣଚନ୍ଦ୍ର ମାନ୍ଧାତା, ଲଲାଟେନ୍ଦୁ ଚମ୍ପତି ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଟୁଟୁ ଦାସ ରେଫରି, ଲାଇନ୍ସମ୍ୟାନ୍ ଭାବେ ସୁମନ୍ତ ସୁବୁଦ୍ଧି ବେହେରା, ହେମନ୍ତ ଦାସ ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ।



ଉଦ୍‌ଘାଟନୀ ମ୍ୟାଚ୍‌ରେ ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିଙ୍କ ସହ ଅନ୍ୟମାନେ।

## ଇଷ୍ଟ କୋଷ୍ଟ ରେଲ୍‌ୱେ ଚାମ୍ପିୟନ




ଅତିଥିଙ୍କଠାରୁ ଚାମ୍ପିୟନ ଟିମ୍‌ର ଖେଳାଳିମାନେ ଟ୍ରଫି ସହ ଚେକ୍ ଗ୍ରହଣ କରୁଛନ୍ତି।

**ଟାଙ୍ଗୀ(ଖୋର୍ଦ୍ଧା),୨୫।୧୨(ଡି.ଏନ୍.ଏ.)**

ଟାଙ୍ଗୀ ଭଲିବଲ ଆସୋସିଏଶନ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଦିନିକିଆ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଟୁର୍ନାମେଣ୍ଟରେ ରାଜ୍ୟର ୬ଟି ପ୍ରମୁଖ ଦଳ ଇଷ୍ଟକୋଷ୍ଟ ରେଲୱେ, ରାଇଜିଂ ଷ୍ଟାର୍ ରାଉରକେଲା, ଶିବଶମ୍ଭୁ କ୍ଲବ ଭୁବନେଶ୍ୱର, ବାରିପଦା ଭଲିବଲ କ୍ଲବ, କ୍ରୀଡ଼ା ଛାତ୍ରାବାସ ଭୁବନେଶ୍ୱର, ସୂର୍ଯ୍ୟଶିଖା କ୍ଲବ ଭଦ୍ରକ ଭାଗ ନେଇଥିଲେ। ତେବେ ଫାଇନାଲ ମ୍ୟାଚ୍ ଇଷ୍ଟକୋଷ୍ଟ ରେଲୱେ ଏବଂ ବାରିପଦା ଭଲିବଲ କ୍ଲବ ମଧ୍ୟରେ ହୋଇଥିଲା। ଇଷ୍ଟକୋଷ୍ଟ ରେଲୱେ ୨-୧ ସେଟ୍‌ରେ ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ଅତିଥିଭାବେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ଚିଲିକା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ସରପଞ୍ଚ କିଶୋର ବେହେରା, ସମିତିସଭ୍ୟା ପ୍ରିୟମ୍ବଦା ବେହେରା, ସାମାଜିକ କର୍ମୀ ବିଜୟ ମହାପାତ୍ର, କ୍ରୀଡ଼ା ସଙ୍ଗଠକ ବିଜୟ ରାଉତ, ଫାୟାର ଅଫିସର ବି.କେ. ଦାସ, ଆୟୋଜକ କ୍ଲବ ସଭାପତି ଚିନ୍ମୟ ପୃଷ୍ଟି, ପଦ୍ମନାଭ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଶ୍ରୀକାନ୍ତ ନାୟକ, ତ୍ରିଲୋଚନ ଦାସ, ବିଦ୍ୟୁତ୍ ରଥ ମ୍ୟାଚ୍ ପରିଚାଳନା କରିଥିଲେ। ଚାମ୍ପିୟନ ଟିମ୍‌କୁ ୩୦ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସ ଅପ୍ ଟିମକୁ ୨୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ସନ୍ତୋଷ ପରିଡ଼ା, ଗଗନ ନାୟକ, ଗୌତମ ନାୟକ, ବଳରାମ ବେହେରା, ବିଜୟ ମାଝୀଙ୍କ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ପିଲାଙ୍କୁ ପୁରସ୍କୃତ କଲେ ସାନ୍ତା

**ଖୋର୍ଦ୍ଧା ଅଫିସ,୨୫।୧୨**

ଜଟଣୀ ଈଶ୍ୱର ଆର୍ଟ ଆଣ୍ଡ କ୍ରାଫ୍ଟ ସୋସିଆଲ ଫାଉଣ୍ଡେଶନ ଟ୍ରଷ୍ଟ ଆନୁକୂଲ୍ୟରେ ଖ୍ରୀଷ୍ଟମାସ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣ ଉତ୍ସବ ରବିବାର ଗୋପୀନାଥପୁର ହାଟବଜାରଠାରେ ଅନୁଷ୍ଠିତ ହୋଇଯାଇଛି। ପିଲାଙ୍କ ମଧ୍ୟରେ ଦେଶାତ୍ମବୋଧ ସଙ୍ଗୀତ, ଭଜନ ଓ ଏକକ, ଦଳଗତ ନୃତ୍ୟ ପ୍ରତିଯୋଗିତା ହୋଇଥିଲା। କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ରହିଥିଲା ସାନ୍ତା କ୍ଲଜ। କୃତୀ ପ୍ରତିଯୋଗୀଙ୍କୁ ସାନ୍ତା ପୁରସ୍କୃତ କରିଥିଲେ। ଅନୁଷ୍ଠାନର ଆବାହକ ଏଲ୍. ଈଶ୍ୱର ରାଓ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରକାଶ ଯେ, କରୋନା କଟକଣା ଲାଗି ଦୁଇବର୍ଷ ଏହି ଉତ୍ସବ ବନ୍ଦ ରହିଥିବା ବେଳେ ଚଳିତବର୍ଷ ଆଡ଼ମ୍ବରରେ ପାଳିତ ହୋଇଥିଲା।




ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

## 'ଆର୍ଥିକ ମେରୁଦଣ୍ଡକୁ ସୁଦୃଢ଼ କରେ କୃଷି'

**ବେଗୁନିଆ,୨୫।୧୨(ଡି.ଏନ୍.ଏ.)**

ବେଗୁନିଆ ଓ ବାଙ୍କୀ ବ୍ଲକ ଉପାନ୍ତ ଅଞ୍ଚଳରେ ଥିବା କଳାପଥରସ୍ଥିତ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପରିସରରେ ରବିବାର ଗ୍ରାମୀଣ କୃଷକ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଆଜାଦୀ କା ଅମୃତ ମହୋତ୍ସବ ଓ ୨୩ତମ ବାର୍ଷିକୋତ୍ସବ ଅବସରରେ ସାହିତ୍ୟିକା ଡ.ପ୍ରତିଭା ମହାରଥୀ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅଧକ୍ଷା ଗୀତା ଭଉଣୀଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ଅତିଥିଭାବେ ଜଳଧର ଭାଇ, ଅଶୋକ ଭାଇ, ଦେବଜାନୀ ଭଉଣୀ, ମାନସ ମହାପାତ୍ର, ବ୍ୟଙ୍ଗ



ସମାରୋହରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

କଳାକାର ବ୍ରଜ ସୁବୁଦ୍ଧି, ଡ.ଗଣେଶ୍ୱର ସ୍ୱାଇଁ, ରାଜ କିଶୋର ପାଣିଗ୍ରାହୀ, କଲ୍ୟାଣୀ ଦିଦି, ଯୁଗଳ ଭାଇ, ଜ୍ୟୋତ୍ସ୍ନା ଭଉଣୀ ପ୍ରମୁଖ ଉପସ୍ଥିତ ଥିଲେ। ଯାଜ୍ଞସେନୀ ଭଉଣୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସୋନାଲି ସାହୁ ସମାରୋହର ତାତ୍ପର୍ଯ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ବେଗୁନିଆ, ବୋଲଗଡ଼, ଭାପୁର, ବାଙ୍କୀ ବ୍ଲକ ଅଞ୍ଚଳର ପ୍ରାୟ ୧୫୦୦ରୁ ଉର୍ଦ୍ଧ୍ୱ ଚାଷୀ ଯୋଗଦେଇଥିଲେ। କୃଷି ବିପଣନ ଯୋଗୁ ରାଜ୍ୟର ଆର୍ଥିକ ମେରୁଦଣ୍ଡ ସଶକ୍ତୀକରଣ ହୋଇପାରିଛି। ତେବେ ସରକାର ଚାଷ କାର୍ଯ୍ୟକୁ ସର୍ବଦା ଗୁରୁତ୍ୱ ଦେବା ଆବଶ୍ୟକ। କୃଷି ଯାନ୍ତ୍ରିକକରଣ, ସମନ୍ୱିତ କୃଷି କାର୍ଯ୍ୟ ଓ ଅତ୍ୟାଧୁନିକ ଜ୍ଞାନକୌଶଳ ଦ୍ୱାରା ଚାଷୀ ଭାଇମାନେ କିଭଳି ଚାଷ କାର୍ଯ୍ୟକୁ ତ୍ୱରାନ୍ୱିତ କରିପାରିବେ ସେ ନେଇ ଆଲୋଚନା କରାଯାଇଥିଲା। ସେହିପରି ଚାଷରେ ଜୈବିକ ସାର ପ୍ରୟୋଗକୁ ଗୁରୁତ୍ୱ ଦେବାକୁ ପରାମର୍ଶ ଦିଆଯାଇଥିଲା। ଜମିରେ ଧନିଚା ଚାଷ, ଲିମ୍ବ ଗଛର ଫଳ ଓ ପତ୍ରକୁ ମାଟିରେ ସିଞ୍ଚନ କରାଇ ଜୈବିକ ସାର ସୃଷ୍ଟି କରିବା ପାଇଁ ଆଲୋଚନା କରାଯାଇଥିଲା। ଏହି ଅବସରରେ ୨୩ଜଣ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଖିଳେଶ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ପୂର୍ବତନ ବିଧାୟକଙ୍କ ଜୟନ୍ତୀ

ବାଙ୍କୀ,(ସ୍ୱ.ପ୍ର.): କଳା, ସାହିତ୍ୟ ଓ ସଂସ୍କୃତି ପରିଷଦ ଆନୁକୂଲ୍ୟରେ ବାଙ୍କୀର ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ ତଥା ଅନୁଷ୍ଠାନର ସଭାପତିଙ୍କ ୭୦ତମ ଜୟନ୍ତୀ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ କଳାକାର ପର୍ଶୁରାମ ରାଉତଙ୍କୁ ସଂକୀର୍ତ୍ତନ ଗୌରବ ଓ ଆଇନଜୀବୀ ବ୍ରଜକିଶୋର ମହାପାତ୍ରଙ୍କୁ ସେବକ ସମ୍ମାନ ଦିଆଯାଇଥିଲା। ପ୍ରେସ୍‌କ୍ଲବ ସଭାପତି ବଳଭଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ସମ୍ମାନୀତ ଅତିଥି ଭାବେ ନଗରପାଳ ମାଣିକ ସାହୁ, ଆଇନଜୀବୀ ହରେକୃଷ୍ଣ ଦାଶ, କେନ୍ଦ୍ର ସମବାୟ ସମିତି ସଭାପତି ସୁବାସଚନ୍ଦ୍ର ପାଢ଼ୀ ପ୍ରମୁଖ ଯୋଗଦେଇ ଥିଲେ। ସେହିପରି ବିଧାୟକ ତ୍ରିପାଠୀଙ୍କ ଜୟନ୍ତୀ ଉପଲକ୍ଷେ ତୁଳସୀପୁରରେ ଯୁବଗୋଷ୍ଠୀ ପକ୍ଷରୁ ରକ୍ତ ଦାନ ଶିବିର କରାଯାଇ ୭୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି।

**ସଂକ୍ଷେପରେ**

## ଦୁର୍ଘଟଣାରେ ଗାଡ଼ି ହେଲ୍‌ପର ମୃତ

**ଫୁଲନଖରା,୨୫।୧୨(ଡି.ଏନ୍.ଏ.):** ଭୁବନେଶ୍ୱର-କଟକ ଜାତୀୟ ରାଜପଥର ବଙ୍କକୁଦ ନିକଟରେ ଦୁର୍ଘଟଣାରେ ଏକ ଗାଡ଼ିର ହେଲ୍‌ପରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଆନ୍ଧ୍ରପ୍ରଦେଶ ବିଶାଖାପାଟଣାର ଗୋଲ ଗୋନା ଅର୍ଜୁନ। ପୋଲିସ ସୂତ୍ରରୁ ପ୍ରକାଶ, ବିଶାଖା ପାଟଣାରୁ କଟକ ଅଭିମୁଖେ ଏକ ଗ୍ୟାସ୍ ବୋଝେଇ ଗାଡି (ଏପି୩୧ଟିଏଫ-୫୮୭୭) ଯାଉଥିଲା। ବଙ୍କକୁଦ ନିକଟରେ ଗାଡିଟି ଅଟକିଥିଲା। ରବିବାର ସକାଳେ ହେଲ୍‌ପର ଅର୍ଜୁନ ଗାଡ଼ି ଉପରେ ଚଢି କାଚ ପୋଛୁଥିଲେ। ଏହି ସମୟରେ ପଛ ପଟୁ ଏକ ହାଇୱା (ଓଡ଼ି୦୫ଏଲ-୦୫୮୪) ଉକ୍ତ ଗାଡ଼ିକୁ ଧକ୍କା ଦେଇଥିଲା। ଫଳରେ ଅର୍ଜୁନ ତଳେ ପଡି ଯାଇଥିଲେ। ମୁଣ୍ଡରେ ଗଭୀର ଆଘାତ ଲାଗିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। କଟକ ସଦର ଥାନା ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇବା ସହ ଏକ ମାମଲା(ନଂ.୫୯୯/୨୨) ରୁଜୁ କରି ତଦନ୍ତ ଚଳାଇଛି। ଦୁର୍ଘଟଣା ଘଟାଇଥିବା ହାଇୱା ଚାଳକ ଫେରାର ହୋଇଯାଇଛନ୍ତି।

## ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ

**କଟକ ଅଫିସ,୨୫।୧୨:** ଉତ୍କଳମଣି ଶିଶୁ ଉଚ୍ଚଶିକ୍ଷା ମନ୍ଦିରର ୩ ଦିନିଆ ବାର୍ଷିକ କ୍ରୀଡା ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ତଥା ସାମ୍ବାଦିକ କୈଳାସ ଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡା. ଶଶାଙ୍କ ଶେଖର ସାହାଣୀ, ସମ୍ମାନିତ ଅତିଥି ଉତ୍କଳ ଗ୍ରାମ ସ୍ୱରାଜ୍ୟର ସଭାପତି ବ୍ରହ୍ମାନନ୍ଦ ମହାନ୍ତି ଯୋଗ ଦେଇଥିଲେ। ଏହି ଅବସରରେ କ୍ରୀଡା ପ୍ରତିଯୋଗୀତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସମ୍ପାଦିକା ସ୍ୱର୍ଣ୍ଣଲତା ନାୟକ, ପ୍ରଧାନ ଆଚାର୍ଯ୍ୟା ନିରୂପମା ନାୟକ, ମହେନ୍ଦ୍ର ସାହୁ, ହେମନ୍ତ ପଣ୍ଡା, ଆଦିତ୍ୟ ରଞ୍ଜନ ଦାଶ, ମନୋରଞ୍ଜନ ନନ୍ଦ, ସସ୍ମିତା ପରିଡା, ରଶ୍ମିତା ବେହେରା, ଜୟନ୍ତୀ ଶତପଥୀ, ଭବାନୀ ଦାସଙ୍କ ସହ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପରିତ୍ୟକ୍ତ କାରଖାନା ପାର୍ଶ୍ୱରୁ ଲୁହା ପାଇପ୍ ଜବତ

**ଖୁଣ୍ଟୁଣୀ,୨୫।୧୨( ଡି.ଏନ.ଏ.):** କଣ୍ଡରେଇ ପଞ୍ଚାୟତ ଅଧୀନ ଏକ ପରିତ୍ୟକ୍ତ ଇସ୍ପାତ କାରଖାନା ପାର୍ଶ୍ୱରୁ ଖୁଣ୍ଟୁଣୀ ପୋଲିସ ୨ କୁଇଣ୍ଟାଲରୁ ଉର୍ଦ୍ଧ୍ୱ ଲୁହା ପାଇପ ଜବତ କରି ଥାନାକୁ ନେଇଛି। ଚଢାଉବେଳେ ପୋଲିସକୁ ଦେଖି ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିବା ଆଇଆଇସି ଭବାନୀ ଶଙ୍କର ଖୁଣ୍ଟିଆ କହିଛନ୍ତି। ଏ ନେଇ ଥାନାରେ ଏକ ମାମଲା(ନଂ.୨୫୨/୨୨) ରୁଜୁ ହୋଇଛି। ସୂଚନାଯୋଗ୍ୟ, ଉକ୍ତ କାରଖାନା ପ୍ରାୟ ୧୨ ବର୍ଷ ହେବ ବନ୍ଦ ରହିଛି। ଏବେ ଏହାକୁ ଏକ ବ୍ୟାଙ୍କ ହେପାଜତକୁ ନେଇଛି। ସେଠାରେ ଜଗାରଖା ପାଇଁ ବ୍ୟାଙ୍କ ପକ୍ଷରୁ ନିୟୋଜିତ ଏକ ସିକ୍ୟୁରିଟି ସଂସ୍ଥାକୁ ସ୍ଥାନୀୟ କେତେକ ଯୁବକ ରାଜନୈତିକ ଚାପ ପକାଇ ବାହାର କରି ନିଜେ ଜଗିଛନ୍ତି। ସେମାନଙ୍କ ଜ୍ଞାତସାରରେ ଏଭଳି ଚୋରି ହେଉଥିବା ସ୍ଥାନୀୟ ଲୋକେ କହିଛନ୍ତି। ବ୍ୟାଙ୍କ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ୟୁ.ଏନ୍. କଲେଜରେ ଆଲୋଚନାଚକ୍ର

**କଣ୍ଟାପଡା, ୨୫।୧୨(ଡି.ଏନ୍.ଏ.):** ଅଡଶପୁରସ୍ଥିତ ୟୁ.ଏନ୍ ସ୍ୱୟଂଶାସିତ କଲେଜ ଗ୍ରନ୍ଥାଗାର ଓ ସୂଚନା ବିଭାଗ ପକ୍ଷରୁ ଆଧୁନିକ ବୈଷୟିକ ଗ୍ରନ୍ଥାଗାର ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନା ଚକ୍ର ଏବଂ ବନ୍ଧୁମିଳନ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ବାମନ ପରିଡା ଏହି ଆଲୋଚନା ଚକ୍ରରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ନୂତନ ପିଢ଼ିର ଗ୍ରନ୍ଥାଗାରିକମାନେ ବୈଷୟିକ ପ୍ରଯୁକ୍ତି ବିଦ୍ୟାଦ୍ୱାରା କିଭଳିଭାବେ ଗ୍ରନ୍ଥାଗାରଗୁଡିକର ସୁପରିଚାଳନା କରିପାରିବେ ସେ ସମ୍ପର୍କରେ ଆଲୋଚନା କାରିଥିଲେ। ଅଧକ୍ଷ ପ୍ରଫେସର ଅରୁଣ କୁମାର ନାୟକ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଶିକ୍ଷାକ୍ଷେତ୍ରରେ ଗୋଦାବରୀଶ କେନ୍ଦ୍ରୀୟ ପାଠାଗାରର ଭୂମିକା ସମ୍ପର୍କରେ କହିଥିଲେ। କୃପାସିନ୍ଧୁ ପ୍ରଧାନ ସ୍ୱାଗତ ଭାଷଣ, ଗ୍ରନ୍ଥାଗାର ଓ ସୂଚନା ବିଭାଗ ମୁଖ୍ୟ ପ୍ରିୟଙ୍କା ମଞ୍ଜରୀ ବେହେରା ଅତିଥି ପରିଚୟ ଏବଂ ଅଧାପିକା ନିରୁପମା ମିଶ୍ର ଧନ୍ୟବାଦ ଦେଇଥିଲେ। ପବିତ୍ର ମୋହନ ପ୍ରଧାନ, ସ୍ୱର୍ଣ୍ଣପ୍ରଭା ସାହୁ, ସୌଭାଗ୍ୟ ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଧୁମ୍‌ଧାମ୍‌ରେ ପାଳନ ହେଲା ବଡ଼ଦିନ

**କଟକ ଅଫିସ/ଚୌଦ୍ୱାର, ୨୫।୧୨(ଡି.ଏନ୍.ଏ.)**


କ୍ୟାଣ୍ଟନମେଣ୍ଟ ରୋଡ୍‌ସ୍ଥିତ କ୍ୟାଥୋଲିକ୍ ଚର୍ଚ୍ଚରେ ପ୍ରସ୍ତୁତ ଯିଶୁଖ୍ରୀଷ୍ଟଙ୍କ ଜନ୍ମସ୍ଥଳରେ ଜଣେ ଯୁବତୀ ପ୍ରାର୍ଥନା କରୁଛନ୍ତି।

ପ୍ରଭୁ ଯିଶୁଖ୍ରୀଷ୍ଟଙ୍କ ଜନ୍ମଦିନକୁ ଧୁମ୍‌ଧାମ୍‌ରେ ପାଳନ କରିବା ପାଇଁ ରବିବାର ରୌପ୍ୟନଗରୀ କଟକର ବିଭିନ୍ନ ଚର୍ଚ୍ଚରେ ଏକତ୍ରିତ ହୋଇଥିଲେ ଖ୍ରୀଷ୍ଟ ଧର୍ମାବଲମ୍ବୀ। ଆନନ୍ଦଉଲାସର ସହ ବଡ଼ଦିନକୁ ପାଳନ କରିବା ସହ ସୁଖ ଓ ଶାନ୍ତି ପାଇଁ କାମନା କରିଥିଲେ। ଏଥିପାଇଁ ଦିବସ ବ୍ୟାପୀ ଚର୍ଚ୍ଚଗୁଡିକରେ ଉତ୍ସବର ମାହୋଲ ସୃଷ୍ଟି ହୋଇଥିଲା।

ଶନିବାର ମଧ୍ୟରାତ୍ରରେ ଶ୍ରଦ୍ଧାଳୁମାନେ କେକ୍ କାଟି ଯିଶୁଖ୍ରୀଷ୍ଟଙ୍କ ଜନ୍ମଦିନ ପାଳନ କରିବା ପରେ ରବିବାର କ୍ୟାଣ୍ଡେଲ ଓ ଗୋଲାପ ଫୁଲ ଅର୍ପଣ କରିଥିଲେ। ଏଥିପାଇଁ କ୍ୟାଣ୍ଟନମେଣ୍ଟ ରୋଡସ୍ଥିତ କ୍ୟାଥୋଲିକ୍ ଚର୍ଚ୍ଚ, ମିଶନରୋଡ୍‌ସ୍ଥିତ ବାପ୍ଟିଷ୍ଟ ଚର୍ଚ୍ଚ ସମେତ ସହରର ବିଭିନ୍ନ ଚର୍ଚ୍ଚକୁ ଆଲୋକମାଳାରେ ସଜ୍ଜିତ କରାଯାଇଥିଲା। ଯିଶୁଖ୍ରୀଷ୍ଟ ଗୁହାଳରେ ଜନ୍ମ ହୋଇଥିବାରୁ କ୍ୟାଥୋଲିକ୍ ଚର୍ଚ୍ଚ ଗୁହାଳ ସଦୃଶ ଗୃହ ନିର୍ମାଣ କରାଯାଇଥିଲା। ସେଠାରେ ଶ୍ରଦ୍ଧାଳୁମାନେ ଗୋଲାପ ଫୁଲ ଥୋଇ ପ୍ରାର୍ଥନା କରିଥିଲେ। ଏପରି କି ସମୂହ ପ୍ରାର୍ଥନା କରାଯାଇଥିଲା। ଏଥିପାଇଁ ଚର୍ଚ୍ଚ ପରିସରରେ ଭିଡ ଲାଗିଥିଲା। ଦୁଇ ବର୍ଷ ପରେ ବଡଦିନ ପାଳନ କରାଯାଉଥିବାରୁ ସହରବାସୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା। କେବଳ ଚର୍ଚ୍ଚ ନୁହେଁ ଘରେ ମଧ୍ୟ ଉତ୍ସବର ମାହୋଲ ସୃଷ୍ଟି ହୋଇଥିଲା। ପରସ୍ପରକୁ ଖ୍ରୀଷ୍ଟମାସର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଥିବା ଦେଖିବାକୁ ମିଳିଥିଲା।

ସେହିପରି ଚୌଦ୍ୱାର ଅଞ୍ଚଳରେ ଖ୍ରୀଷ୍ଟିୟାନ ସମ୍ପ୍ରଦାୟ ପକ୍ଷରୁ ବଡ଼ଦିନ ପର୍ବ ପାଳନ କରାଯାଇଥିଲା। ମଣ୍ଡାପଡ଼ାସ୍ଥିତ ବାପ୍ଟିଷ୍ଟ ଚର୍ଚ୍ଚ, ବିରାଟ ବଜାରସ୍ଥିତ ୟୁନାଇଟେଡ୍ ଚର୍ଚ୍ଚ, କଳିଙ୍ଗ ଛକସ୍ଥିତ କ୍ୟାଥୋଲିକ୍ ଚର୍ଚ୍ଚକୁ ରଙ୍ଗୀନ୍ ଆଲୋକରେ ସଜ୍ଜା ଯାଇଥିବାବେଳେ ଯିଶୁଖ୍ରୀଷ୍ଟଙ୍କ ବାଲ୍ୟଲୀଳା ସମ୍ପର୍କିତ ସୁଦୃଶ୍ୟ ମୂର୍ତ୍ତି ସ୍ଥାପନ କରାଯାଇଥିଲା। ପ୍ରଭାତରୁ ଖ୍ରୀଷ୍ଟ ଧର୍ମାବଲମ୍ବୀ ଲୋକେ ପ୍ରାର୍ଥନା ସହ ସଂକୀର୍ତ୍ତନ କରି ଗ୍ରାମ ଓ ବଜାର ପରିକ୍ରମା କରିଥିଲେ।

## 'ବାଜପେୟୀ ଥିଲେ ଆଧୁନିକ ଭାରତର ସୂତ୍ରଧର'

**ଚୌଦ୍ୱାର/ମଙ୍ଗୁଳି-ଜଗତପୁର/ ମାଣିଆବନ୍ଧ/ ବାଙ୍କୀ, ୨୫।୧୨(ଡି.ଏନ.ଏ./ ସ୍ୱ.ପ୍ର.)**

ଭାଜପା ଚୌଦ୍ୱାର ମଣ୍ଡଳ ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ରବିବାର ପାଳିତ ହୋଇଯାଇଛି । ସ୍ଥାନୀୟ ସ୍ୱାମୀ ବିବେକାନନ୍ଦ ଆଶ୍ରମ ପରିସରରେ ଜିଲା ସମ୍ପାଦକ ବୈରାଗୀ ଚରଣ ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଜିଲା ଉପସଭାପତି ପ୍ରଶାନ୍ତ ହୋତା ଓ କାର୍ଯ୍ୟକାରିଣୀ ସଦସ୍ୟ ପ୍ରକାଶ ଚନ୍ଦ୍ର ବଡଜେନା ଯୋଗଦେଇ ବାଜପେୟୀଙ୍କ ନୀତିଆଦର୍ଶ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କମଳ ମହାନ୍ତି, ସୁଷମା ବଡଜେନା, ମୌଷୁମୀ ନାୟକ, ଦୁଃଶାସନ ମୁଦୁଲି, ସୁମିତ୍ରା ମହାନ୍ତି, ମମତା ବେହେରା, ସଞ୍ଜୟ ନାୟକ, ରତିକାନ୍ତ ପାକଳ ଉପସ୍ଥିତ ଥିଲେ। ସେହିପରି କୟଳପଡା ପଞ୍ଚାୟତର ଶବରସାହିରେ ଆଇନଜୀବୀ ପ୍ରମୋଦ କୁମାର ସାହୁଙ୍କ ପୌରୋହିତ୍ୟରେ ବାଜପେୟୀ ଜୟନ୍ତୀ ପାଳିତ ହୋଇଥିଲା। ଏହି ଅବସରରେ ୧୦୦ରୁ ଉର୍ଦ୍ଧ୍ୱ ପରିବାରକୁ କମ୍ବଳ ବଣ୍ଟନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଅତିରିକ୍ତ ଆରକ୍ଷୀ ପ୍ରଦୀପ୍ତ କୁମାର ଜେନା ଓ ସମ୍ମାନିତ ଅତିଥି ଭାବେ ଆଇନଜୀବୀ ପ୍ରଶାନ୍ତ କୁମାର ସାହୁ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଲେଖ ଚନ୍ଦ୍ର ଦାସ, ମଧୁସୂଦନ ନାୟକ, ମଦନ ମୋହନ ରାଉଳ, ଅମିୟ କୁମାର ମଲ୍ଲିକ, ସୁରେନ୍ଦ୍ର ସାମଲ, ଜୁବେଶ ନାୟକ ଉପସ୍ଥିତ ଥିଲେ। ଭାଗୀରଥି ବେଉରା ଧନ୍ୟବାଦ ଦେଇଥିଲେ। ମାଣିଆବନ୍ଧସ୍ଥିତ ସାଇ ନିଳୟ ପରିସରରେ ବାଜପେୟୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ଇନ୍ଦ୍ରମଣି ରାଉତ ସଭାପତିତ୍ୱ କରିଥିଲେ। ଅତିଥିଭାବେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଜୟ କୁମାର ଦଳବେହେରା, ବରିଷ୍ଠ ନେତା ବିଭୁଦତ୍ତ ପଟ୍ଟନାୟକ ଯୋଗଦେଇ ବାଜପେୟୀ ଆଧୁନିକ ଭାରତର ସୂତ୍ରଧର ଥିଲେ ବୋଲି କହିଥିଲେ। ସେହିପରି ସବୁଜ ଯୁବ ବାହିନୀ ବାଙ୍କୀ, ଆମ ପରିବାର ଚକ୍ର, ଯୁବବନ୍ଧୁ, ଲାଲ୍‌ବାହାଦୁର ଯୁବପରିଷଦ ଓ ଆଦର୍ଶ ଯୁବପରିଷଦ ମିଳିତ ଆନୁକୂଲ୍ୟ ଡମପଡ଼ା ବ୍ଲକ ଅନ୍ତର୍ଗତ ବାଘଖିଆ ନାଳ ଠାରେ ବାଜପେୟୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏନେଇ ସବୁଜ ଯୁବ ବାହିନୀର ଆବାହକ ଅକ୍ଷୟ କୁମାର ସାମଲଙ୍କ ତତ୍ତ୍ୱାବଧାନରେ ଆୟୋଜିତ କବିତା ଆସରରେ ସମ୍ମାନିତ ଅତିଥିଭାବେ ବାଙ୍କୀ କଲେଜ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, କୁମାର ଅମୀୟ, କବି ବିପ୍ଳବ, ପ୍ରଦୀପ କୁମାରେ ଜେନା, ଶୁଭେନ୍ଦୁ ମହାପାତ୍ର , ସୁବ୍ରତ କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ।

## 'ଦୁନିଆ ହେଉଛି କବିତାମୟ'



ରାଜ୍ୟସ୍ତରୀୟ କବି ସମ୍ମିଳନୀରେ ଅତିଥିମାନେ ପତ୍ରିକା ଉନ୍ମୋଚନ କରୁଛନ୍ତି।

**କଟକ ଅଫିସ,୨୫।୧୨**

**ଓଡ଼ିଶା ପ୍ରତିଭା ପୂଜା ସଂସଦ ପକ୍ଷରୁ ରାଜ୍ୟସ୍ତରୀୟ କବି ସମ୍ମିଳନୀ**

ଓଡ଼ିଶା ପ୍ରତିଭା ପୂଜା ସଂସଦ ପକ୍ଷରୁ କଟକ ଶ୍ରୀରାମଚନ୍ଦ୍ର ଭବନରେ ରାଜ୍ୟସ୍ତରୀୟ କବି ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ଏ. କେ. ପରିଚ୍ଛା ଉଦ୍‌ଘାଟନ କରି କହିଥିଲେ, ସମଗ୍ର ଦୁନିଆ ହେଉଛି କବିତାମୟ। ଅନୁଷ୍ଠାନର ସଭାପତି ଡ. ସତ୍ୟ ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ରାଞ୍ଚିସ୍ଥିତ ପତ୍ର ସୂଚନା କାର୍ଯ୍ୟାଳୟର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ମୁଖ୍ୟ ଅତିଥି, କବି ମୀନକେତନ ଦାସ ମୁଖ୍ୟବକ୍ତା, ଆଇନଜୀବୀ ସୁରେନ୍ଦ୍ର କୁମାର ସାହୁ, ଅଧ୍ୟାପକ ଉମାଶଙ୍କର ମିଶ୍ର ଓ ସାହିତ୍ୟିକ ପ୍ରଫୁଲ୍ଲ କୁମାର ମହାପାତ୍ର ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ଦିଲୀପ କୁମାର ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ପ୍ରକାଶ ପାଇଥିବା ପତ୍ରିକା 'କବି ଓ କବିତା'ର ଷୋଡଶ ଭାଗକୁ ଅତିଥିମାନେ ଉନ୍ମୋଚନ କରିଥିଲେ।

## ବିଦ୍ୟାର୍ଥୀଙ୍କ ଉଦ୍ୟମରେ ଜ୍ଞାନ କେନ୍ଦ୍ରିକ ସମାଜ ଗଠନ ସମ୍ଭବ

**ଟିଗିରିଆ, ୨୫।୧୨( ଡି. ଏନ. ଏ )**

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ବିଧାରପୁରସ୍ଥିତ ଆର. ପି ଆବାସିକ ବିଜ୍ଞାନ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ୧୦ମ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାର୍ଥୀ ଉଦ୍ୟମ କଲେ ଜ୍ଞାନ କେନ୍ଦ୍ରିକ ସମାଜ ଗଠନ ସମ୍ଭବ ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଆୟୋଜିତ ଉତ୍ସବରେ ବିଦ୍ୟାଳୟର ଅଧ୍ୟକ୍ଷ ଜ୍ଞାନରଞ୍ଜନ ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଉଚ୍ଚ ଶିକ୍ଷା ବିଭାଗର ପୂର୍ବତନ ସଚିବ ଉଚ୍ଚ ଡ. ବାଇଧର ପ୍ରଧାନ, ସମ୍ମାନିତ ଅତିଥିଭାବେ ଉଚ୍ଚ ଶିକ୍ଷା ବିଭାଗର ପୂର୍ବତନ ଉପ ସଚିବ ଡ. ଦେବେନ୍ଦ୍ରନାଥ ବେହେରା ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

## କ୍ରିକେଟ୍ ପ୍ରିମିୟର ଲିଗ୍, ପାୱାର ହିଟର ଚାମ୍ପିୟନ

**ଫୁଲନଖରା,୨୫।୧୨(ଡି.ଏନ୍.ଏ.)**

କଟକସଦରଥାନା ଅନ୍ତର୍ଗତ ଫୁଲନଖରାସ୍ଥିତ ଓମ୍‌ଫେଡ୍ କଲୋନୀ ପ୍ରିମିୟର ଲିଗ୍ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଡିଭାଇନ୍ ଫାଇଟର, ପାୱାର ହିଟର, ଡିଭାଇନ ଇଲେଭେନ ଓ ପ୍ଲେୟାର୍ସ କିଙ୍ଗ୍‌ସ ଟିମ୍ ଭାଗ ନେଇଥିଲା। ପାୱାର ହିଟର୍ ଓ ପ୍ଲେୟାର୍ସ କିଙ୍ଗ୍‌ସ ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା। ପାୱାର ହିଟର ଟିମ୍ ୧୦ ଓଭରରେ ୮୧ ରନ୍ କରିଥିଲା। ଜବାବରେ ପ୍ଲେୟାର୍ସ କିଙ୍ଗ୍‌ସ ଟିମ୍ ୧୦ ଓଭରରେ ୬୮ ରନ୍ କରିଥିଲା। ମୁଖ୍ୟ ଅତିଥି ଭାବେ ଜୋନ୍-୪ ଏସିପି ଚନ୍ଦନ ଘଡାଇ, ସମ୍ମାନିତ ଅତିଥି ଭାବେ କଟକ ସଦର ଥାନା ଆଇଆଇସି ରଶ୍ମିରଞ୍ଜନ ମହାପାତ୍ର, ଜାତୀୟ ରାଜପଥ ଟ୍ରାଫିକ ଥାନା ଏଏସ୍‌ଆଇ କାହ୍ନୁ ଚରଣ ମଲ୍ଲିକ ଯୋଗ ଦେଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ସାମାଜିକ କର୍ମୀ ମୁକ୍ତିକାନ୍ତ ମହାପାତ୍ର, ସୁଦର୍ଶନ ତ୍ରିପାଠୀ, ଅମୂଲ୍ୟ ବାରିକ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ୍ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ।

## ଫୁଟବଲ: ବାଲୁଙ୍କେଶ୍ୱର କ୍ଲବ୍ ଚାମ୍ପିୟନ

**କଟକ ସଦର,୨୫।୧୨(ଡି.ଏନ୍.ଏ.)**

କଟକ ସଦର ବ୍ଲକ ଅନ୍ତର୍ଗତ ୪୨ ମୌଜା ଦେଉଳିସ୍ଥିତ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ କଳପଡା ପଞ୍ଚାୟତ କପ୍ ଫୁଟବଲ୍ ଟୁର୍ନାମେଣ୍ଟ ରବିବାର ଅନୁଷ୍ଠିତ ହୋଇଥିଲା। ଦେଉଳିର ବାଲୁଙ୍କେଶ୍ୱର ଅଥଲେଟିକ୍ କ୍ଲବ କଟକର ଆଚିଭର କ୍ଲବ୍‌କୁ ଗୋଟିଏ ଗୋଲ୍ ଦେଇ ଚାମ୍ପିୟନ ହୋଇଛି। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ କ୍ରୀଡାମନ୍ତ୍ରୀ ତୁଷାରକାନ୍ତି ବେହେରା ଓ ସମ୍ମାନିତ ଅତିଥି ଭାବେ କଟକ ସଦର ବିଧାୟକ ଚନ୍ଦ୍ର ସାରଥୀ ବେହେରା ଯୋଗଦେଇ ବିଜୟ ଦଳକୁ ଟ୍ରଫି ସହ ୧୦ ହଜାର ଟଙ୍କା ଏବଂ ରନର୍ସ ଅପ୍ ଦଳକୁ ଟ୍ରଫି ସହ ୮ ହଜାର ଟଙ୍କା ପ୍ରଦାନ କରିଥିଲେ। ଏଥିରେ ମନୋଜ ନାୟକ, ବିଭୁତି ଭୁଷଣ ପରିଡ଼ା, ପ୍ରମୋଦ ମହାପାତ୍ର, ଅମ୍ବିକା ପାତ୍ର, କଳପଡା ସରପଞ୍ଚ ସବିତା ମାଝି, ସମିତି ସଭ୍ୟା ପିଙ୍କି ଭୋଇ, ସସ୍ମିତା ମାହାର୍ଥା, ପୂର୍ବତନ ସରପଞ୍ଚ ସରୋଜ ନାୟକ, ଶରତ ରାୟ, ଜୀବନ ସାମନ୍ତରାୟ, ମନୋରଞ୍ଜନ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

## ଫିଜିକାଲ ଏକାଡେମୀ ପକ୍ଷରୁ ମିନି ମାରାଥନ


ଅତିଥିଙ୍କ ଗହଣରେ କୃତୀ ଖେଳାଳିମାନେ।

**ମାହାଙ୍ଗା, ୨୫।୧୨(ସ୍ୱ.ପ୍ର)**

ପବିତ୍ର ବଡ଼ ଦିନ ଅବସରରେ ରବିବାର ଓଡିଶା ଫିଜିକାଲ ଏକାଡେମୀ ପକ୍ଷରୁ ସାହାସପୁର ମହାବିଦ୍ୟାଳୟ ଛକ ନିକଟରୁ ଏକ ମିନି ମାରାଥନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବାଲିଚନ୍ଦ୍ରପୁର ଥାନା ଅଧିକାରୀ ରମାକାନ୍ତ ମୁଦୁଲି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ବାଲିପଡ଼ିଆ ସରପଞ୍ଚ କିଶୋର ବେହୁରା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ବହୁ ଯୁବତୀଯୁବକ ଏହି ଗଣଦୌଡ଼ରେ ସାମିଲ ହୋଇ ସାହାସପୁର କଲେଜ ଛକଠାରୁ ପୁରୁଷୋତ୍ତମପୁର-ଅକରପଡାଠାରେ ପହଞ୍ଚିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଜାତୀୟ ଯୁବ ପ୍ରକଳ୍ପର ରାଜ୍ୟ ଆବାହକ ମଧୁ ଭାଇ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଖେଳ ପ୍ରଶିକ୍ଷକ ଗୋପୀନାଥ ସେଠୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ମାହାଙ୍ଗା ଥାନା ଏଏସ୍‌ଆଇ ନରେନ୍ଦ୍ର ଖୁଣ୍ଟିଆ, ସରପଞ୍ଚ ଚିନ୍ମୟ ସାମନ୍ତରାୟ, ସମିତି ସଭ୍ୟ କୁଳମଣି ବାରିକ, ପୂର୍ବତନ ସରପଞ୍ଚ ନିତ୍ୟାନନ୍ଦ ନାୟକ, ଖବରଦାତା ଦୀପକ କୁମାର ସାହୁ, ଏକାଦଶୀ ସେଠୀ ପ୍ରମୁଖ ଯୋଗଦେଇଥିଲେ। ଗଣଦୌଡର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ଅକ୍ଷୟ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ଭାଇଚାରାର ବାର୍ତ୍ତା ଦେଲା ଜଲ୍‌ସା

**ଟିଗିରିଆ,୨୫।୧୨(ଡି.ଏନ.ଏ)**

ଅହମ୍ମଦୀୟା ମୁସଲିମ ଜମାତର ୧୨୭ତମ ବାର୍ଷିକ ଜଲ୍‌ସା କାଦିଆନଠାରେ ରବିବାର ଉଦ୍‌ଯାପିତ ହୋଯାଇଛି। ୩ ଦିନ ଧରି ଚାଲିଥିବା ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ମୁଖ୍ୟ ସଚିବ ଜମାତ ଅହମ୍ମଦୀୟା ଭାରତ ମୌଲାନା ମହମ୍ମଦ ଇନାମ ଗୌରୀ ପୌରୋହିତ୍ୟ କରିଥିଲେ। ଏହି ଅବସରରେ ପବିତ୍ର କୋରାନ ପାଠ କରାଯାଇଥିଲା। ମୁଖ୍ୟବକ୍ତା ଭାବେ ସଭାପତି ଅଖିଳ ଭାରତ ଅହମ୍ମଦୀୟା ମୁସଲିମ ଯୁବ ସଂଗଠନ ମୌଲାନା କେ.ତାରିକ ଅହମ୍ମଦ ଇସଲାମ ଓ ଅହମ୍ମଦୀୟାର ଖିଲାଫତ ଯୋଗଦେଇ ବ୍ୟବସ୍ଥା ବିଷୟରେ ବିସ୍ତୃତ ବିବରଣୀ ରଖିଥିଲେ। ସେମାନେ କହିଥିଲେ, ଖିଲାଫତ ବ୍ୟବସ୍ଥା ଏକ ସୁରକ୍ଷିତ ଦୁର୍ଗ। ଅହମ୍ମଦୀୟା ମୁସ୍‌ଲିମ ଜମାତ୍‌ର ସଂସ୍ଥାପକ ହଜରତ ମିର୍ଜା ଗୁଲାମ ଅହମ୍ମଦଙ୍କ ଅମୂଲ୍ୟ ଶିକ୍ଷାରେ ଯେଉଁମାନେ ଅନୁପ୍ରାଣୀତ ହୋଇଥାନ୍ତି, ସେମାନେ ହିଁ ଏ ଅଶାନ୍ତ ସଂସାରରେ ସୁରକ୍ଷିତ ରହିପାରନ୍ତି। ସମ୍ମାନିତ ଅତିଥି ଭାବେ ଯୋଗଦେଇ ନେମତୁଲ୍ଲା ନୱାଜ ଏକେଶ୍ୱରବାଦର ପ୍ରଚାର ଓ ପ୍ରସାର ବିଷୟରେ ବିସ୍ତୃତ ବ୍ୟାଖା କରିଥିଲେ। ମଜଲିସ ଅନସାରୁଲ୍ଲା ଭାରତର ସଭାପତି ମୌଲାନା ଅତାଉଲ ମୁଜିବ ଲୋନ୍ ଅହମ୍ମଦୀୟା ମୁସଲିମ ଜମାତର ବିଶ୍ୱଗୁରୁ ହଜରତ ମିର୍ଜା ମସରୁର ଅହମ୍ମଦଙ୍କ ପ୍ରାର୍ଥନାର ଚମତ୍କାରିତା ବିଷୟରେ ମତା ରଖିଥିଲେ। ଏହି ସମ୍ମିଳନୀର ସମସ୍ତ କାର୍ଯ୍ୟକ୍ରମକୁ ଦେଶ-ବିଦେଶର ୧୦ଟି ଭାଷାରେ ଅନୁବାଦିତ ହୋଇ ଶୁଣାଇବାର ବ୍ୟବସ୍ଥା କରାଯାଇଥିଲା। ସମ୍ମିଳନୀରେ ଭାଇଚାରାର ମହାନ ବାର୍ତ୍ତା ଦେଇ ସକଳ ଧର୍ମର ଅବତାରମାନଙ୍କ ସମ୍ମାନାର୍ଥେ ହଜରତ ଶ୍ରୀରାମ ଚନ୍ଦ୍ର ଜୀ କି ଜୟ, ହଜରତ ଶ୍ରୀକୃଷ୍ଣ ଜୀ କି ଜୟ, ହଜରତ ଈସା ମସିହ ଜୀ କି ଜୟ, ହଜରତ ପୈଗମ୍ବର ମୁହମ୍ମଦ ସଲ୍ଲମ ଜୀ କି ଜୟ, ହଜରତ ଗୌତମ ବୁଦ୍ଧ ଜୀ କି ଜୟ, ହଜରତ ଗୁରୁ ବାବା ନାନକ ଜୀ କି ଜୟ, ହଜରତ ମିର୍ଜା ଗୁଲାମ ଅହମ୍ମଦ ଜୀ କି ଜୟ ଏବଂ ଇନସାନିୟତ ଜିନ୍ଦାବାଦର ନାରା ଲଗାଇ ପରିବେଶକୁ ଶାନ୍ତିମୟ କରାଯାଇଥିଲା। ଓଡିଶା ପ୍ରଦେଶର ବିଭିନ୍ନ ଜିଲାରୁ ପ୍ରାୟ ୫୦୦ରୁ ଉର୍ଦ୍ଧ୍ୱ ଅହମ୍ମଦୀୟା ମୁସଲିମ ଧର୍ମାବଲମ୍ବୀ ଯୋଗଦେଇଥିଲେ।

## ଚାଷୀଙ୍କୁ ସର୍ବଦା ସମ୍ମାନ ଦିଅ

**ବାଙ୍କୀ,୨୫।୧୨(ସ୍ୱ.ପ୍ର.)**

**ଗ୍ରାମୀଣ କୃଷକ ସମାରୋହ**

ବାଙ୍କୀ ବ୍ଲକ କଳାପଥର ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସେବାକେନ୍ଦ୍ର ପକ୍ଷରୁ ଆଜାଦୀ କା ଅମୃତ ମହୋତ୍ସବ ଓ ଗ୍ରାମୀଣ କୃଷକ ସମାରୋହ ରବିବାର ପାଳିତ ହୋଇଯାଇଛି। ଏଥିରେ ୩୦ ଗ୍ରାମର ଚାଷୀ ଯୋଗ ଦେଇଥିଲେ। ଏହି ଅବସରରେ ଏକ କଳସ ଶୋଭାଯାତ୍ରା ବାହାରି କଳାପଥର ବଜାର ପରିକ୍ରମା କରି ସଭା ସ୍ଥଳକୁ ଆସିଥିଲା। ଠଣାପଲ୍ଲୀ ମିଳିତ ଯୁବକ ସଂଘ ପକ୍ଷରୁ ସଡ଼କ ସୁରକ୍ଷା ଜୀବନ ରକ୍ଷା କାର୍ଯ୍ୟକ୍ରମ କରାଯାଇ ପାଇକ ଆଖଡ଼ାକୁ ଗୁରୁତ୍ୱ ଦିଆଯାଇଥିଲା। ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ୨୩ତମ ବାର୍ଷିକ ଉତ୍ସବ ଅବସରରେ କୃଷି ଓ କୃଷକଙ୍କୁ ଗୁରୁତ୍ୱ ଦିଆଯାଇ ସଚେତନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଡ.ପ୍ରତିଭା ମହାରଥି ଯୋଗଦେଇ ଚାଷୀଙ୍କୁ ସର୍ବଦା ସମ୍ମାନ ଦେବା ଆବଶ୍ୟକ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଅଶୋକ ଭାଇ, ଦେବଜାନୀ ଭଉଣୀ, ଗୀତା ଭଉଣୀ, ରାଜକିଶୋର ପାଣିଗ୍ରାହୀ, ସଞ୍ଜାଳିକା ଯାଜ୍ଞସିନୀ ଭଉଣୀ, ରାଜଯୋଗୀ ଜଳଧର ଭାଇ ପ୍ରମୁଖ ଉପସ୍ଥିତ ଥିଲେ।



ସମାବେଶରେ ଯୋଗଦେଇଥିବା ଅତିଥିମାନେ।

**ମହାନଦୀ ଫେଷ୍ଟିଭାଲ**

## ମୁଗ୍ଧ କଲା ଆସାମର ବିହୁ ନୃତ୍ୟ

**କଟକ ଅଫିସ,୨୫।୧୨**

କଟକ ନୂଆବଜାର ପୋତାପୋଖରୀସ୍ଥିତ ନେତାଜୀ ଖେଳପଡିଆରେ ଚାଲିଥିବା ମହାନଦୀ ଫେଷ୍ଟିଭାଲର ରବିବାର ଥିଲା ପଞ୍ଚମ ସନ୍ଧ୍ୟା। ଆସାମର ରୀତାମଣି ଦାସ ଓ ସାଥୀ କଳାକାରମାନେ ପାରମ୍ପରିକ ବିହୁ ନୃତ୍ୟ ପରିବେଷଣ କରିଥିଲେ। ଏହି ନୃତ୍ୟରେ ଦର୍ଶକ ମୁଗ୍ଧ ହୋଇଥିଲେ। ସେହିପରି ଛତିଶଗଡ କଳାକାରଙ୍କ ଦ୍ୱାରା କ୍ରିଏଟିଭ ନୃତ୍ୟ ପରିବେଷିତ ହୋଇଥିଲା। ଏଥିସହ କଟକର ଜେଡିସିଓ ସତ୍ୟସାଇ ଡ୍ୟାନ୍ସ ସ୍କୁଲର କଳାକାରମାନେ ବଲିଉଡ ଫ୍ରି ଷ୍ଟାଇଲ ନୃତ୍ୟ ପରିବେଷଣ କରିଥିଲେ। ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମର ଅଧ୍ୟକ୍ଷ ଲେନିନ ମହାନ୍ତି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଫେଷ୍ଟିଭାଲ ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା, ମୁଖ୍ୟବକ୍ତା ଭାବେ ଡ. ପ୍ରିୟବ୍ରତ ମାଝୀ, ସମ୍ମାନିତ ଅତିଥି ଭାବେ ସାରଳା ସାହିତ୍ୟ ସଂସଦର ସଭାପତି ଇଂ. ପ୍ରଭାକର ସ୍ୱାଇଁ, ଇଂ. ଗୋପାଳକୃଷ୍ଣ ବେହେରା, ସାହିତ୍ୟିକ ଡ. ଧରଣୀଧର ନାଥ, ରବି ଶତପଥୀ, ଇଂ. ରମେଶ ଚନ୍ଦ୍ର ରାଉତ, ସାହିତ୍ୟିକ ସଙ୍ଗୀତ ପଟ୍ଟନାୟକ, ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ଜେନା, ରୀତା ମୋନି, ଡ. ଅଭିରାମ ସାହୁ ଏବଂ ସାମାଜିକ କର୍ମୀ ସଞ୍ଜୟ କୁମାର ଜେନା ପ୍ରମୁଖ ଯୋଗଦେଇ ହଜିଯାଉଥିବା ଲୋକକଳାକୁ ଲୋକ ଲୋଚନକୁ ଆଣିବା ପାଇଁ ଫେଷ୍ଟିଭାଲ ଏକ ମାଧ୍ୟମ। ଫେଷ୍ଟିଭାଲ ସମ୍ପାଦକ ଡ. ଚୌଧୁରୀ ସତ୍ୟ ଦାସ ସାଗତ ଭାଷଣ, ଗ୍ଲୋବାଲ ଇଣ୍ଡିଆନ ମଡେଲ ସ୍କୁଲ ଅଧ୍ୟକ୍ଷା ଡ. ମଞ୍ଜୁଶ୍ରୀ ଶାସ୍ତ୍ରୀ ଧନ୍ୟବାଦ ଦେଇଥିଲେ।



ମହାନଦୀ ଫେଷ୍ଟିଭାଲରେ ଆସାମ କଳାକାରମାନେ ବିହୁ ନୃତ୍ୟ ପରିବେଷଣ କରୁଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୬ ଡିସେମ୍ବର, ୨୦୨୨



**ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ**

ପିପିଲି,(ଡି.ଏନ୍.ଏ.): ପିପିଲି ବ୍ଲକ ଗୁଡ଼ିଆପୋଖରୀରେ ଥିବା ଗୁରୁ ନାନକ ଇଂଲିଶ୍ ସ୍କୁଲ ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପୁରୀ ଏମ୍‌ପି ପିନାକୀ ମିଶ୍ର ଓ ସମ୍ମାନିତ ଅତିଥି ଭାବେ ପିପିଲି ବିଧାୟକ ରୁଦ୍ରପ୍ରତାପ ମହାରଥୀ ଓ ବ୍ଲକ ଅଧ୍ୟକ୍ଷା ଦେବସ୍ମିନୀ ନନ୍ଦଙ୍କ ସହ ଅନ୍ୟମାନେ ଯୋଗଦେଇଥିଲେ। ଗୁରୁ ନାନକ ସ୍କୁଲରେ ଅନୁଷ୍ଠିତ ପ୍ରଥମ ବର୍ଷ କ୍ରୀଡ଼ା ପ୍ରତିଯୋଗିତାରେ ବିଭିନ୍ନ ବର୍ଗରେ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ବିଧାୟକ ମହାରଥୀ ପୁରସ୍କୃତ କରିଥିଲେ। ସେହିଭଳି ଅନ୍ତର୍ଜାତୀୟ ସ୍ତରରେ ସ୍କୁଲର ୨ଜଣ ଛାତ୍ର ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ଅନ୍ୟପଟେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବରେ ଏମ୍‌ପି ପିନାକୀ ମିଶ୍ର ଯୋଗଦେଇ ବାର୍ଷିକ ମୁଖପତ୍ର ଶିଶୁ ପ୍ରଭାକୁ ଲୋକାର୍ପଣ କରିଥିଲେ।

**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**



୨୫।୧୨।୨୦୨୨

| | |
|---|---|
| ୫,୯୭,୩୩୦ ଟଙ୍କା | |
| ସୁନା | ୨.୨୫୦ ଗ୍ରାମ୍ |
| ରୁପା | ୧୦୩.୪୦୦ ଗ୍ରାମ୍ |

# ଓଡ଼ିଶାର କଳା, ସଂସ୍କୃତିକୁ ବିଶ୍ୱରେ ପହଞ୍ଚାଇବା

**୨୨ତମ ନିମାପଡ଼ା ମହୋତ୍ସବ ଉଦ୍‌ଘାଟିତ**

- ଓଡ଼ିଶୀ ନୃତ୍ୟରେ ଦର୍ଶକ ବିମୋହିତ
- ପଲ୍ଲିଶ୍ରୀ ମେଳା ମୁଖ୍ୟ ଆକର୍ଷଣ

ନିମାପଡ଼ା,୨୫।୧୨(ଡି.ଏନ୍.ଏ.)

ନିମାପଡ଼ା ମହୋତ୍ସବ କମିଟି ଓ ହେଲ୍ପ ଲାଇନ ପକ୍ଷରୁ ୩ ଦିନିଆ ୨୨ତମ ନିମାପଡ଼ା ମହୋତ୍ସବ ରବିବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ମୁକ୍ତାକାଶ ରଙ୍ଗମଞ୍ଚରେ ଆୟୋଜିତ ଏହି ମହୋତ୍ସବରେ ପର୍ଯ୍ୟଟନ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ଅବକାରୀ ମନ୍ତ୍ରୀ ଅଶ୍ୱିନୀ ପାତ୍ର ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଏହି ମହୋତ୍ସବ ରାଜ୍ୟର ଏକ ଭିନ୍ନ ଓ ନିଆରା ମହୋତ୍ସବ। ଓଡ଼ିଶାର କଳା ସଂସ୍କୃତି, ଭାସ୍କର୍ଯ୍ୟ, ପରମ୍ପରାକୁ ବିଶ୍ୱ ଦରବାରରେ ବିଦିତ କରିବାକୁ ଆମେ ସମସ୍ତେ ସଂକଳ୍ପବଦ୍ଧ ହେବାକୁ ମନ୍ତ୍ରୀ ପାତ୍ର ମତବ୍ୟକ୍ତ କରିଥିଲେ। ସମ୍ମାନୀତ ଅତିଥି ଭାବେ ଏମ୍‌ପି ରାଜଶ୍ରୀ ମଲ୍ଲିକ୍, ହେଲ୍ପ ଲାଇନ ସଭାପତି ଅକ୍ଷୟ ସାହୁ, ସମ୍ପାଦକ ନିଗମାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ନିମାପଡ଼ା ମହୋତ୍ସବ ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

ମହୋତ୍ସବ କମିଟି ସଭାପତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ଶିକ୍ଷକ ପ୍ରତାପ ରାଉତ ଉତ୍ସବରେ ସଂଯୋଜନା କରିଥିଲେ। ସମ୍ପାଦକ ସାହୁ ବିବରଣୀ ପାଠ କରିଥିଲେ। ଉଦ୍‌ଘାଟନୀ ସନ୍ଧ୍ୟାର ସାଂସ୍କୃତିକ ସମାରୋହରେ ନିମାପଡ଼ା ନୃତ୍ୟ ସଙ୍ଗୀତ ଅନୁଷ୍ଠାନ ନୃତ୍ୟାଳୟ କଳାକାରମାନେ ଓଡ଼ିଶୀ ନୃତ୍ୟ, ଭଦ୍ରକ ମନମୋହନ ସଙ୍ଗୀତ ପରିଷଦ ପକ୍ଷରୁ ମୋଗଲ ତାମସା ନୃତ୍ୟ, ନିମାପଡ଼ା ସରସ୍ୱତୀ ବିଦ୍ୟା ମନ୍ଦିର କଳାକାରଙ୍କ ପକ୍ଷରୁ ସମ୍ବଲପୁରୀ ନୃତ୍ୟ, ଜେବିଆର୍ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ କଳାକାରଙ୍କ ପକ୍ଷରୁ ଓଡ଼ିଶୀ ନୃତ୍ୟ, କଟକ ପାୟଲ ଡ୍ୟାନ୍ସ ଗ୍ରୁପ ପକ୍ଷରୁ କ୍ରିଏଟିଭ ନୃତ୍ୟ ପରିବେଷଣ କରାଯାଇଥିଲା। ଗୁରୁ ବିଷ୍ଣୁଚରଣ ସାସ୍ମଲଙ୍କ ନିର୍ଦ୍ଦେଶିତ ଗୁରୁ ସୁଦେଷ୍ଣା ପ୍ରଧାନ, ଇତିଶ୍ରୀ ରାୟଙ୍କ ସହଯୋଗିତାରେ ଓଡ଼ିଶୀ ନୃତ୍ୟ ରାଧାକୃଷ୍ଣ ପ୍ରେମ ଉପରେ ଆଧାରିତ ମାନମୟୀ ଶ୍ରୀ ରାଧିକା ନୃତ୍ୟ ଦର୍ଶକଙ୍କୁ ବେଶ ବିମୋହିତ କରିଥିଲା। ହେଲ୍ପ ଲାଇନ ଓ ମହୋତ୍ସବ କମିଟି ପକ୍ଷରୁ ପ୍ରକାଶିତ ସ୍ମରଣିକା 'ସମୃଦ୍ଧି ପଥେ ନିମାପଡ଼ା' ଅତିଥିମାନେ ଉନ୍ମୋଚିତ କରିଥିଲେ। ଶିକ୍ଷାବିତ୍ ସ୍ୱର୍ଗତ ରମେଶ ପରିଡ଼ାଙ୍କ ସ୍ମୃତି ଉଦ୍ଦେଶ୍ୟରେ ତାଙ୍କ ଝିଅ ରୀୟା ପରିଡ଼ା, ସ୍ୱର୍ଗତ ବିଭୁ ପଣ୍ଡାଙ୍କ ସ୍ମୃତି ଉଦ୍ଦେଶ୍ୟରେ ତାଙ୍କ ଭାଇ ବିନୟ ପଣ୍ଡାଙ୍କୁ ମରଣୋତ୍ତର ସମ୍ମାନ ପ୍ରଦାନ କରାଯାଇ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ମହୋତ୍ସବ ସ୍ଥଳରେ ବାଲୁକା ଶିଳ୍ପୀ ଶ୍ରୀଚରଣ ରାଉତଙ୍କ ଆଜାଦିକା ଅମୃତ ମହୋତ୍ସବ ଅବସରରେ ଓଡ଼ିଶାର ଗର୍ବ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ବାଲୁକା କଳା ଦର୍ଶକଙ୍କୁ ବେଶ୍ ଆକର୍ଷିତ କରିଥିଲା। ଉତ୍ସବ ସ୍ଥଳରେ ପୁରୀ ଡିଆର୍‌ଡିଓ ଓ ଓରମାସ ପକ୍ଷରୁ ଆୟୋଜିତ ପଲ୍ଲିଶ୍ରୀ ମେଳା ଦର୍ଶକଙ୍କୁ ଆକୃଷ୍ଟ କରିଥିଲା। ମେଳାରେ ଶହ ଶହ ଦର୍ଶକଙ୍କ ଭିଡ଼ ଜମିଥିଲା। ଏହି ଉତ୍ସବ ଅବସରରେ ସମଗ୍ର ନିମାପଡ଼ା ସହର ବଜାର, ବିଭିନ୍ନ ସରକାରୀ, ବେସରକାରୀ ଅନୁଷ୍ଠାନ, ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକ ଆକର୍ଷଣୀୟ ଆଲୋକମାଳାରେ ସୁସଜ୍ଜିତ ହୋଇଛି।

# ସୁରକ୍ଷା ପାଇଁ ୨୫ ପ୍ଲାଟୁନ ପୋଲିସ ଫୋର୍ସ

**ଆଜି ବିଜେଡିର ୨୬ତମ ପ୍ରତିଷ୍ଠା ଦିବସ**

ପୁରୀ ଅଫିସ,୨୫।୧୨

୧୯୯୭ ଡିସେମ୍ବର ୨୬ରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ନାମରେ ରାଜ୍ୟରେ ଗଢ଼ା ହୋଇଥିବା ବିଜୁ ଜନତା ଦଳ(ବିଜେଡି) ଚଳିତ ୨୬ତାରିଖରେ ୨୫ ବର୍ଷ ପୂରଣ କରିବାକୁ ଯାଉଛି। ବିଜେଡିର ୨୬ତମ ପ୍ରତିଷ୍ଠା ଦିବସ ତଥା ରୌପ୍ୟ ଜୟନ୍ତୀ ଶ୍ରୀକ୍ଷେତ୍ର ପୁରୀରେ ଭବ୍ୟ ସମାରୋହ ମଧ୍ୟରେ ପାଳନ କରାଯିବ। ଏଥିପାଇଁ ତାଳବଣିଆରେ ଦଳ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଦଳ ପକ୍ଷରୁ ମେଗା ଆୟୋଜନ କରାଯାଇଥିବାବେଳେ କାର୍ଯ୍ୟକ୍ରମ ସ୍ଥଳରେ ବିଶାଳ ଟେଣ୍ଟ ସାଙ୍ଗକୁ, ବ୍ୟାନର, ଗେଟ, ଫ୍ଲାଗ କାର୍ଡ ଓ ପୋଷ୍ଟର ଆଦି ବ୍ୟାପକ ଭାବେ ଲଗାଯାଇଛି। ମଞ୍ଚ, ଶେଡ୍, ବ୍ୟାରିକେଡ୍ କାର୍ଯ୍ୟ ମଧ୍ୟ ସରିଛି। ସେହିପରି ପୁରୀ ସହରରେ ଦଳୀୟ ପତାକା ସାଙ୍ଗକୁ ବ୍ୟାନର ଓ ହୋର୍ଡିଂ ଲଗାଯାଇଛି। କାର୍ଯ୍ୟକ୍ରମରେ ଦଳର ନେତା, ମନ୍ତ୍ରୀ, ବିଧାୟକ, ଜିଲାପରିଷଦ, ସରପଞ୍ଚ, ପୌର ସଦସ୍ୟ ସହ ରାଜ୍ୟର ବିଭିନ୍ନ ଅଞ୍ଚଳର ଜନ ପ୍ରତିନିଧି, କର୍ମୀ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥିନିମନ୍ତେ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ସୁରକ୍ଷା ଦୃଷ୍ଟିରୁ ପ୍ରାୟ ୨୫ ପ୍ଲାଟୁନ ପୋଲିସ ଫୋର୍ସ, ୧୦୦ ବରିଷ୍ଠ ଅଧିକାରୀ ଓ ୩ଜଣ ଅତିରିକ୍ତ ଏସ୍‌ପି ମୁତୟନ ରହିବେ। ସେହିପରି ପୁରୀରେ ଏବେ ପର୍ଯ୍ୟଟକଙ୍କ ସଂଖ୍ୟା ଅଧିକ ଥିବାରୁ ଯେପରି କୌଣସି ସମସ୍ୟା ନହେବ ସେଥିପାଇଁ ଧ୍ୟାନ ଦିଆଯାଇଛି। ଟ୍ରାଫିକ ନିୟନ୍ତ୍ରଣ କରିବା ପାଇଁ ଦାୟିତ୍ୱରେ ଜଣେ ଅତିରିକ୍ତ ଏସ୍‌ପି, ୨ଜଣ ଡିଏସ୍‌ପି, ୩ଜଣ ଇନସ୍ପେକ୍ଟରଙ୍କ ସହ ବରିଷ୍ଠ ଅଧିକାରୀ ମୁତୟନ ରହିବେ। ସେହିପରି ଟ୍ରାଫିକ ନିୟନ୍ତ୍ରଣ ପାଇଁ ୭ ପ୍ଲାଟୁନ ପୋଲିସ ଫୋର୍ସ ମଧ୍ୟ ମୁତୟନ ରହିବେ। ପାର୍କିଂ ଉପରେ ବିଶେଷ ଗୁରୁତ୍ୱ ପ୍ରଦାନ କରାଯାଇଛି। ଯେପରି ଅତ୍ୟାବଶ୍ୟକ ଯାନବାହନ ଯାତାୟାତରେ ଅସୁବିଧା ନ ହୁଏ ସେନେଇ ଧ୍ୟାନ ଦିଆଯାଇଛି ବୋଲି ଏସ୍‌ପି କେ. ବିଶାଳ ସିଂ ସୂଚନା ଦେଇଛନ୍ତି।

# ୭ମ ସତ୍ୟବାଦୀ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ

ସାକ୍ଷୀଗୋପାଳ,୨୫।୧୨ (ଡି.ଏନ୍.ଏ/ସ୍ୱ.ପ୍ର.) : ସପ୍ତମ ସତ୍ୟବାଦୀ ମହୋତ୍ସବ ନିମନ୍ତେ ସାକ୍ଷୀଗୋପାଳର ଏକ ମଣ୍ଡପରେ ରବିବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବକୁ ସୁଚାରୁ ଭାବେ ସମ୍ପାଦନ କରିବା ପାଇଁ ବିଭିନ୍ନ କମିଟି ଗଠନ କରାଯିବ ବୋଲି ପ୍ରସ୍ତାବ ରହିଥିଲା। ଏଥିରେ ମହୋତ୍ସବ କମିଟି ମୁଖ୍ୟ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଆବାହକ ଦୀପକ ଶତପଥୀ, ସଭାପତି ଜାନକୀ ବଲ୍ଲଭ ମିଶ୍ର, ସମ୍ପାଦକ ଜାନକୀ ବଲ୍ଲଭ ବରାଳ, ଭାଜପା ନେତା ଓମ ପ୍ରକାଶ ମିଶ୍ର, ବରିଷ୍ଠ ସଭ୍ୟ ବିଶ୍ୱଜିତ ଶତପଥୀ, ରାମଶଙ୍କର ନନ୍ଦ, ଦୀପକ ଶତପଥୀ, ଓମ ପ୍ରକାଶ ମିଶ୍ର, ୩୨ ନମ୍ବର ଜୋନ ଜିଲା ପରିଷଦ ପ୍ରତିନିଧି ରଞ୍ଜନ ବରାଳ, ସୁରେନ୍ଦ୍ର ପ୍ରଧାନଙ୍କ ସମେତ ଶତାଧିକ ସଦସ୍ୟ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ଏହି ମହୋତ୍ସବ ଫେବ୍ରୁଆରୀ ୧୦ରୁ ଆରମ୍ଭ ହୋଇ ୧୧ ଓ ୧୨ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ଓଡ଼ିଶା ସମେତ ଓଡ଼ିଶା ବାହାରର କଣ୍ଠ ଶିଳ୍ପୀ ଓ ଅଭିନେତା ଅଭିନେତ୍ରୀମାନେ ଯୋଗ ଦେବେ ବୋଲି ସଭାପତି ମିଶ୍ର କହିଛନ୍ତି।



ୟୁଥ୍ ହଷ୍ଟେଲରେ ଅନୁଷ୍ଠିତ ଶ୍ରୀକ୍ଷେତ୍ର ଶିଶୁ ସାହିତ୍ୟ ସଂସଦର ରାଜ୍ୟସ୍ତରୀୟ ଶିଶୁ ସାହିତ୍ୟିକ ସମ୍ମିଳନୀରେ ଉପସ୍ଥିତ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ବ୍ୟକ୍ତିବୃନ୍ଦ।

# ରାଜ୍ୟସ୍ତରୀୟ ଶିଶୁ ସାହିତ୍ୟିକ ସମ୍ମିଳନୀ

ପୁରୀ ଅଫିସ,୨୫।୧୨

ଶ୍ରୀକ୍ଷେତ୍ର ଶିଶୁ ସାହିତ୍ୟ ସଂସଦର ରାଜ୍ୟ ସ୍ତରୀୟ ଶିଶୁ ସାହିତ୍ୟିକ ସମ୍ମିଳନୀ ୟୁଥ୍ ହଷ୍ଟେଲ ସମ୍ମିଳନୀ କକ୍ଷରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଭାଷାବିତ୍ ଡ. କୈଳାସ ଚନ୍ଦ୍ର ଟିକାୟତରାୟ ଉଦ୍‌ଘାଟନ କରିଥିବା ବେଳେ ପୂର୍ବତନ ଜିଏସ୍‌ଟି ମୁଖ୍ୟ କମିଶନର ପୀୟୂଷ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟ ବକ୍ତା ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ, ସମ୍ମାନିତ ଅତିଥି ଗାଳ୍ପିକ ପରେଶ ପଟ୍ଟନାୟକ ମଞ୍ଚାସୀନ ଥିଲେ। ପରେ ସଂସଦର ମୁଖପତ୍ର ସ୍ମରଣିକା, ରବୀନ୍ଦ୍ର ପ୍ରଧାନଙ୍କ ଉତ୍କଳର ବରପୁତ୍ର ଏବଂ ରାଧାମାଧବ ରଥଙ୍କ କିଶୋର ଉପନ୍ୟାସ ଚଞ୍ଚଳା ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଶିଶୁସାହିତ୍ୟିକ ରବୀନ୍ଦ୍ର ପ୍ରଧାନ, ପରେଶ ପଟ୍ଟନାୟକ, ବୃନ୍ଦାବନ କୁମ୍ଭାର, ତାରାପ୍ରସାଦ ଜେନା, ବିଜୟ ଛାଟୋଇ, ରାଧାମାଧବ ରଥ ଏବଂ ଲକ୍ଷ୍ମୀପ୍ରିୟା ଦାଶଙ୍କୁ ଶିଶୁସାହିତ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିଲା।

# ୪.୯୦ କୋଟି ବ୍ୟାରେଜର ଭିତ୍ତିପ୍ରସ୍ତର ସ୍ଥାପନ

ପୁରୀ ଅଫିସ,୨୫।୧୨

ବ୍ରହ୍ମଗିରି ବ୍ଲକ ଆମ୍ବପଡ଼ା ପଞ୍ଚାୟତ ନରସିଂହପାଟଣା ଗ୍ରାମରେ ପୂର୍ବତନ ମନ୍ତ୍ରୀ ସଞ୍ଜୟ କୁମାର ଦାସବର୍ମାଙ୍କ ଦ୍ୱାରା ସୁନାମୁଖି ନଦୀ ଉପରେ ୪,୯୦,୬୨,୪୯୦ କୋଟି ଟଙ୍କା ବ୍ୟୟରେ ରବିବାର କଣ୍ଟ୍ରୋଲ ଷ୍ଟ୍ରକର (ବ୍ୟାରେଜ)ର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଏହି ବ୍ୟାରେଜ ହେବା ଫଳରେ ନରସିଂହ ପାଟଣା, ବଳଭଦ୍ର ପାଟଣା, ଜଗନ୍ନାଥ ପାଟଣା, ବରୁଡି, ବରଝଙ୍ଗା, ରେଣ୍ଡା ବରପଦା, ପଲଙ୍କ ପଞ୍ଚାୟତର ପଲଙ୍କ, ଚଣ୍ଡିପୁଟ, ମୋଟ, ରେବଣା ନୂଆଗାଁ ପଞ୍ଚାୟତର ଆଳିଆପୁଟ, ରେବଣା ନୂଆଗାଁ, ଜଗନ୍ନାଥ ପୁର, କଡାଜିତ ଏବଂ ଗୋରୁଆଳ ପଞ୍ଚାୟତର ଚାଷୀ ଉପକୃତ ହେବେ। ବ୍ରହ୍ମଗିରି ଚାଷୀକୁଳର ଦୀର୍ଘ ଦିନର ଦାବି ଫଳରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଶୀର୍ବାଦରେ ନରସିଂହ ପାଟଣାରେ ସୁନାମୁଖି ନଦୀ ଉପରେ ୪,୯୦,୬୨,୪୯୦ କୋଟି ଟଙ୍କା ବ୍ୟୟରେ କଣ୍ଟ୍ରୋଲ ଷ୍ଟ୍ରକ୍ଚର (ବ୍ୟାରେଜ)ର ହେବା ଫଳରେ ବ୍ରହ୍ମଗିରି ବିକାଶରେ ଆଜି ଆଉ ଏକ ଫର୍ଦ୍ଦ ଯୋଡ଼ି ହୋଇଛି। ବ୍ରହ୍ମଗିରି ଜଳସେଚନ ଓ ଜଳ ନିଷ୍କାସନ କାର୍ଯ୍ୟକୁ ତ୍ୱରାନୀତ କରିବା ପାଇଁ ବଙ୍କି କାଣିଆ, ଦକ୍ଷିଣ କାଣିଆ, ବେଣା କାଣିଆ, ଏକ ନାଳିଆ, ତଉଦସହ ମୌଜା, ସୁନାମୁଖି ଏବଂ ମହଲାପାଟରୁ ଦଳ ଭର୍ତ୍ତି ହୋଇଥିବାରୁ ସେଇଥିରୁ ସବୁ ଦଳ ସଫା ଏବଂ ପୁନରୁଦ୍ଧାର କାର୍ଯ୍ୟ ଜଳସମ୍ପଦ ବିଭାଗ ଦ୍ୱାରା ଖୁବଶୀଘ୍ର ଆରମ୍ଭ କରାଯିବ ବୋଲି ଦାସବର୍ମା କହିଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଜିଲା ପରିଷଦ ଅଧ୍ୟକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ରତ୍ନମାଳା ବେହେରା, ଉପାଧ୍ୟକ୍ଷା ମାଳିନୀ ଦଲାଇ, ଏମ୍‌ପିଙ୍କ ପ୍ରତିନିଧି ଯୁଧିଷ୍ଠିର ନାୟକ, ଜନ୍ମେଶ୍ୱର ସାହୁ, ସରପଞ୍ଚ ସୁଜାତା ନାୟକ, ସମିତି ସଭ୍ୟ ସଞ୍ଜୟ କୁମାର ପ୍ରଧାନ, ଡାଇରେକ୍ଟର କୋପରେଟିଭ ସୋସାଇଟି ଶ୍ରୀନିବାସ ଜେନା, ଯୋଗେନ୍ଦ୍ର ନାୟକ, ଦିବାକର ଦଳାଇ, କେଦାର ପ୍ରଧାନ, ତିନିଗ୍ରାମ ସଭାପତି ଭିକାରୀ ବିଶ୍ୱାଳ, ଜଗନ୍ନାଥ ପାଟଣା ସଭାପତି ବ୍ରଜକିଶୋର ଜେନା ଓ ନରସିଂହ ପାଟଣା ସଭାପତି ଅମର ଦାସଙ୍କ ସମେତ ପଞ୍ଚାୟତର ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ।

# ଓଡ଼ିଶା ଦୁର୍ନୀତି ସଂଘର୍ଷ ମଞ୍ଚର କର୍ମକର୍ତ୍ତା ନିର୍ବାଚନ

ଅସ୍ତରଙ୍ଗ,୨୫।୧୨(ଡି.ଏନ୍.ଏ.)- ଓଡ଼ିଶା ଦୁର୍ନୀତି ସଙ୍ଘର୍ଷ ମଞ୍ଚ କାକଟପୁର ଶାଖାର ବାର୍ଷିକ ଅଧିବେଶନ ତଥା ନୂତନ କର୍ମକର୍ତ୍ତା ନିର୍ବାଚନ ଡ. ଇଂ ଜଗବନ୍ଧୁ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ବିଶାମିତ୍ର ଆଶ୍ରମରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଡ୍‌ଭୋକେଟ ତଥା ରାଜ୍ୟ ଦୁର୍ନୀତି ସଂଘର୍ଷ ମଞ୍ଚ ଉପସଭାପତି ସୁଧୀର ମହାନ୍ତି ନିର୍ବାଚନ ପରିଚାଳନା କରିଥିଲେ। ସର୍ବସମ୍ମତିକ୍ରମେ ସଭାପତି କୈଳାଶ ଚନ୍ଦ୍ର ନାୟକ, ଉପ ସଭାପତି ସାଧୁଚରଣ ବିଶ୍ୱାଳ, ସମ୍ପାଦକ ଲକ୍ଷ୍ମୀଧର ସେଠ, ସହ ସମ୍ପାଦକ ତପନ କୁମାର ମିଶ୍ର, କୋଷାଧ୍ୟକ୍ଷ ଯୁଧିଷ୍ଠିର ବେହେରା, ଉପଦେଷ୍ଟା ମଣ୍ଡଳୀ ଭାବେ କୈଳାସ ଚନ୍ଦ୍ର ଦାଶ, ପଞ୍ଚାନନ ପରିଡ଼ା, ରାଜକିଶୋର ଆଚାର୍ଯ୍ୟ, ପଣ୍ଡିତ ତ୍ରିଲୋଚନ ମିଶ୍ର, ମହିଳା ମୋର୍ଚ୍ଚା ଆବାହକ କବିତା ଦାସ, ଯୁବ ମୋର୍ଚ୍ଚା ପ୍ରକାଶ ଦାଶ, କୈଳାଶ କୁମାର ସାହୁ ନିର୍ବାଚିତ ହୋଇଥିଲେ। ସମ୍ପାଦକ ସେଠ ତାଙ୍କ ବକ୍ତବ୍ୟରେ ଦୁର୍ନୀତି ମୁକ୍ତ ସମାଜ ଗଠନ କରିବାରେ ଆମେ କିପରି ସହାୟକ ହୋଇପାରିବା ଓ ଆମର ଚତୁର୍ପାର୍ଶ୍ୱକୁ ଦୁର୍ନୀତିମୁକ୍ତ ରଖି ପାରିବା ତା'ର ମୂଳମନ୍ତ୍ର ଦେଇଥିଲେ। ମା' ମଙ୍ଗଳା ମନ୍ଦିରରେ ଦୀପ, ଭୋଗ ଓ ପାର୍କିଂରେ ଅବ୍ୟବସ୍ଥା ବିଷୟରେ ଉଲ୍ଲେଖ କରିଥିଲେ। ଶେଷରେ ସଭାପତି ନାୟକ ଧନ୍ୟବାଦ ଦେଇଥିଲେ।

# ଆଜି ପୁରୀରେ ପହଞ୍ଚିବ ବିଶ୍ୱକପ ହକି ଟ୍ରଫି

ପୁରୀ ଅଫିସ,୨୫।୧୨

ବିଶ୍ୱକପ ହକି ଓଡ଼ିଶାରେ ଚଳିତବର୍ଷ ହେଉଛି। ଏହାର ପ୍ରଚାର ପ୍ରସାର ଓ ଲୋକପ୍ରିୟତା ପାଇଁ ବିଶ୍ୱକପ ଟ୍ରଫିକୁ ବିଭିନ୍ନ ରାଜ୍ୟ, କେନ୍ଦ୍ର ଶାସିତ ଅଞ୍ଚଳ ଓ ରାଜ୍ୟର ବିଭିନ୍ନ ଜିଲା ପରିକ୍ରମା କରିବାର କାର୍ଯ୍ୟକ୍ରମ ରହିଛି। ତେବେ ପୁରୀ ଜିଲାରେ ଚଳିତ ମାସ ୨୬ତାରିଖ ସୋମବାର ରାତିରେ ଏହି ଟ୍ରଫି ପହଞ୍ଚିବ। ପରଦିନ ସକାଳ ୭ ଟାରେ ଭିକ୍ଟୋରିଆ ହୋଟେଲ ସି ବିଚରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଟ୍ରଫିକୁ ସ୍ୱାଗତ କରାଯିବ। ଏହାପରେ ସକାଳ ୯ଟା ସୁଦ୍ଧା ଟ୍ରଫି ଶ୍ରୀମନ୍ଦିର କାର୍ଯ୍ୟାଳୟରେ ପହଞ୍ଚିବା ପରେ ସେଠାରୁ ସାଂସ୍କୃତିକ ଦଳ ମାଧ୍ୟମରେ ସ୍ୱାଗତ କରାଯାଇ ଅରୁଣସ୍ତମ୍ଭ ପାଖକୁ ନିଆଯାଇ ବେଦମନ୍ତ୍ର ସହ ପୂଜାର୍ଚ୍ଚନା ଓ ଖଣ୍ଡୁଆ ପାଟ ଅର୍ପଣ କରାଯିବ ବୋଲି ସ୍ଥିର ହୋଇଛି। ଏ ନେଇ ପ୍ରଶାସନ ପକ୍ଷରୁ ଏକ ବୈଠକ ରବିବାର ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଉପଜିଲାପାଳ ଭବତାରଣ ସାହୁ ଅଧ୍ୟକ୍ଷତା କରିବା ସହ ଚଳିତବର୍ଷ ଓଡ଼ିଶା ବିଶ୍ୱକପ ହକିର ଆୟୋଜନ କରୁଥିବାରୁ ଜିଲା ଓ ଶ୍ରୀମନ୍ଦିର ଛତିଶା ନିଯୋଗ ପକ୍ଷରୁ ଏହାକୁ ଭବ୍ୟ ସ୍ୱାଗତ କରିବା ସହ ଶ୍ରୀମନ୍ଦିର ନିକଟରେ ପ୍ରଦର୍ଶନ କରାଯିବ ବୋଲି କହିଥିଲେ। ବୈଠକରେ ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର ସାହୁ, ଡେପୁଟି କଲେକ୍ଟର ରାକେଶ ପଣ୍ଡା, ଗରାବଡୁ ନିଯୋଗ ସମ୍ପାଦକ ରଜତ ପ୍ରତିହାରୀ, ଦଇତାପତି ନିଯୋଗର ସମ୍ପାଦକ ରାମକୃଷ୍ଣ ଦାସମହାପାତ୍ର, ଖୁଣ୍ଟିଆ ନିଯୋଗ ସଭାପତି କୃଷ୍ଣଚନ୍ଦ୍ର ଖୁଣ୍ଟିଆ, ଘଣ୍ଟୁଆ ନିଯୋଗ ସଭାପତି ଗୌରହରି ପ୍ରଧାନ, ମ୍ୟାନେଜିଂ କମିଟି ସଦସ୍ୟ ମାଧବ ମହାପାତ୍ର, ଅନନ୍ତ ତିଆଡି, ଦୁର୍ଗା ଦାସମହାପାତ୍ର, ସିଂହାରୀ ଜଗନ୍ନାଥ କର, ମାଧବ ପୂଜାପଣ୍ଡା, ବରିଷ୍ଠ ସଦସ୍ୟ ଦାମୋଦର ମହାସୁଆର, ସୁଆର ମହାସୁଆର ନିଯୋଗ ସମ୍ପାଦକ ନାରାୟଣ ମହାସୁଆର, ମହାସୁଆର ନିଯୋଗ ସମ୍ପାଦକ ଗଣେଶ ମହାସୁଆର, ପ୍ରତିହାରୀ ନିଯୋଗ ସମ୍ପାଦକ ରାମ ନାରାୟଣ ଗୋଚ୍ଛିକାର, ମଧୁସୂଦନ ଖୁଣ୍ଟିଆ, ହରି ନାରାୟଣ ଖୁଣ୍ଟିଆ, ଶ୍ୟାମସୁନ୍ଦର ମହାପାତ୍ର, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ, କ୍ରୀଡ଼ା ସଂସଦର ସମ୍ପାଦକ ରବିଶଙ୍କର ପ୍ରତିହାରୀ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏଥିସହ ଶ୍ରୀମନ୍ଦିର ସେବାୟତଙ୍କ ପକ୍ଷରୁ ଟ୍ରଫିକୁ ସମ୍ବର୍ଦ୍ଧିତ କରାଯିବ।

# ବଡ଼ଦିନରେ ବଉଳ ବୃକ୍ଷକୁ ପୂଜାର୍ଚ୍ଚନା

ସାକ୍ଷୀଗୋପାଳ, ୨୫।୧୨ (ଡି.ଏନ.ଏ/ସ୍ୱ.ପ୍ର.) :

ବଡ଼ଦିନରେ ସତ୍ୟବାଦୀ ବ୍ଲକର ବଉଳ ବାଟିକାରେ ସତ୍ୟବାଦୀ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ଛାତ୍ରୀଛାତ୍ରମାନେ ବଉଳ ବୃକ୍ଷକୁ ପୂଜାର୍ଚ୍ଚନା କରିବା ସହ ବଉଳ ଚାରା ରୋପଣ ପାଇଁଶପଥ ନେଇଛନ୍ତି। ଛାତ୍ରୀଛାତ୍ର ଗୋଟିଏ ବଉଳ ବୃକ୍ଷ ଲଗାଇବାକୁ କାର୍ଯ୍ୟକ୍ରମରେ ଯୋଗଦେଇ ଡା. ଦେବ ପ୍ରସାଦ ଦାଶ କହିଛନ୍ତି। ଏଥିପାଇଁ ସେ ଚାରା ଦେବେ ବୋଲି କହିଥିଲେ। ରୁଷିଆରୁ ଆସିଥିବା ସାମୀ ମହାବୀର, ଅର୍ଜୁନ ଦାସ, ଇଟାଲୀର ଶ୍ରଦ୍ଧାଳୁ ଅର୍ଜୁନ ଦାସ, ଶ୍ରୀମନ୍ଦିର ସେବାୟତ ପୂର୍ଣ୍ଣଚନ୍ଦ୍ର ଗୋଚ୍ଛିକାର, ଡ. ହରପ୍ରସାଦ ମିଶ୍ର, ନବକିଶୋର ମହାପାତ୍ର, ଅଧ୍ୟକ୍ଷା ବନ୍ଦନା ମିଶ୍ର, ନରହରି ମହାପାତ୍ର ସାମିଲ ଥିଲେ। ପପୁ ଦାସ ପରିଚାଳନା କରିଥିଲେ।

# ରାମେଶ୍ୱର ସ୍ପୋର୍ଟିଂ ସେମିଫାଇନାଲରେ

**ରାଜ୍ୟସ୍ତରୀୟ ମଙ୍ଗଳା କପ୍ କ୍ରିକେଟ୍ ଉଦ୍‌ଘାଟିତ**

କାକଟପୁର/ଅସ୍ତରଙ୍ଗ, ୨୫।୧୨(ଡି.ଏନ୍.ଏ.)

କାକଟପୁର ହାଇସ୍କୁଲ ପଛପଡ଼ିଆ କାକଟପୁର ମିନି ଷ୍ଟାଡିୟମରେ ୩୩ତମ ରାଜ୍ୟସ୍ତରୀୟ ମଙ୍ଗଳା କପ୍ କ୍ରିକେଟ ରବିବାର ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନ ମ୍ୟାଚରେ ମୁଖ୍ୟ ଅତିଥିଭାବେ କାକଟପୁର ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ, ପ୍ରମୁଖ ଅତିଥିଭାବେ ବାଙ୍ଗୁରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଆଶିଷ ମହାପାତ୍ର, ରାଜେଶ ପରିଡା, କାକଟପୁର ସରପଞ୍ଚ ଅଭୟ ସେଠ ଓ ଶାରଳା +୨ ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ ଚିତ୍ତରଞ୍ଜନ ପରିଡା ପ୍ରମୁଖ ଉପସ୍ଥିତ ଥିଲେ। ଟୁର୍ନାମେଣ୍ଟର ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚରେ ପାୟୋନିୟର ସ୍ପୋର୍ଟିଂ ପୁରୀକୁ ହରାଇ ରାମେଶ୍ୱର ସ୍ପୋର୍ଟିଂ, ଭୁବନେଶ୍ୱର ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ଟସ୍ ଜିତି ରାମେଶ୍ୱର ସ୍ପୋର୍ଟିଂ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ଓଭରରେ ୨୩୧ରନ କରି ୬ ଉଇକେଟ ହରାଇଥିଲା। ଜବାବରେ ପାୟୋନିୟର ୧୯.୫ବଲରେ ୧୨୩ରନ କରି ସମସ୍ତ ଉଇକେଟ ହରାଇ ପରାସ୍ତ ହୋଇଥିଲା। ଅତିଥି ଭାବେ ମଙ୍ଗଳା କ୍ରିକେଟ କ୍ଲବର ଉପଦେଷ୍ଟା ଇଂ. ସୂର୍ଯ୍ୟକାନ୍ତ ଦୀକ୍ଷିତ ଯୋଗଦେଇ ମ୍ୟାନ ଅଫ୍ ମ୍ୟାଚ ବିବେଚିତ ହୋଇଥିବା ରାମେଶ୍ୱର ସ୍ପୋର୍ଟିଂର ସମ୍ବିତ ବରାଳଙ୍କୁ ପୁରସ୍କୃତ କରିଥିଲେ। ନିର୍ମଳ ମିଶ୍ର ଓ ଅୟସକାନ୍ତ ମିଶ୍ର ଅମ୍ପାୟାର କରୁଥିବା ବେଳେ ଧାରାବିବରଣୀ ଭାଗବତ ସ୍ୱାଇଁ କରିଥିଲେ। ସଭାପତି ପ୍ରଦୀପ୍ତ ଦୀକ୍ଷିତ ଓ ଉପସଭାପତି ପ୍ରଦୀପ୍ତ ପଣ୍ଡା ସହଯୋଗ କରିଥିଲେ।

# ଜଳିଗଲା ୬ ବଖରା

ପୁରୀ ଅଫିସ,୨୫।୧୨ :

ପୁରୀ ପେଣ୍ଠକଟା ବେହେରା ସାହିରେ ରବିବାର ସକାଳ ପ୍ରାୟ ୯ଟାରେ ଏକ ଘରେ ନିଆଁ ଲାଗି ୬ ବଖରା ଜଳିଯାଇଛି। ବେହେରା ସାହିର ତପୋଇ ବେହେରା ରବିବାର ଘରକାମ ସାରି ସକାଳ ପ୍ରାୟ ୮ଟାରେ କୌଣସି କାର୍ଯ୍ୟରେ ବାହାରକୁ ଯାଇଥିଲେ। ଘରେ ନିଆଁ ଲାଗିଯାଇଥିବାର ପରିବାର ଲୋକଙ୍କଠାରୁ ଜାଣିଥିଲେ। ସେ ଘରକୁ ଆସି ଦେଖିବାବେଳେ ଘରେ ଥିବା ସମସ୍ତ ଜିନିଷ ଜଳିଯାଇଛି। ଏପରିକି ଚଳିତ ମାସ ୩୦ ତାରିଖରେ ତାଙ୍କର ଝିଅ ବାହାଘର ପାଇଁ ରଖିଥିବା ଲକ୍ଷାଧିକ ଟଙ୍କା ଓ ସୁନା ଗହଣ ଜଳିଯାଇଛି। ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରାଯାଇଥିଲା। ତପପୋଇଙ୍କ ଘର ସହ ଅନ୍ୟ ୩ଟି ଘର ମଧ୍ୟ ଜଳିଯାଇଛି। ତେବେ ନିଆଁ ଲାଗିବାର କାରଣ ଜଣାପଡି ନାହିଁ। ଏ ନେଇ ସେ ଥାନାରେ ଅଭିଯୋଗ କରିଛନ୍ତି।

# ନିୟମିତ ଯୋଗ ଦ୍ୱାରା ଶରୀର ସନ୍ତୁଳିତ ରହେ

ପୁରୀ ଅଫିସ,୨୫।୧୨: ମଧୁମେହ ବା ଡାଇବେଟିସ, ରକ୍ତଚାପ ବା ବ୍ଲଡପ୍ରେସର ଓ ମୋଟାପା ଦୂରେଇବା ପାଇଁ ଆଖଣ୍ଡଳମଣି ଯୋଗଶିକ୍ଷା କେନ୍ଦ୍ର ତରଫରୁ ୩ଦିନିଆ ଯୋଗ ମହୋତ୍ସବ ଉଦ୍‌ଯାପିତ ହୋଇଛି। ଶିବିରରେ ୬୦ଜଣ ଶିକ୍ଷାର୍ଥୀ ଯୋଗଦେଇଥିବା ବେଳେ ଏଥିରେ ବୟୋଜ୍ୟେଷ୍ଠ ପୁରୁଷ ଓ ମହିଳାମାନେ ସାମିଲ ଥିଲେ। ପ୍ରଥମଦିନରେ ଡାଇବେଟିକ ବିଶେଷଜ୍ଞ ଡା. ପରେଶ ମହାପାତ୍ର, ଦ୍ୱିତୀୟ ଦିନ ରକ୍ତଚାପ ଏବଂ ଶେଷଦିନରେ ମୋଟାପା କ୍ଷେତ୍ରରେ ସଚେତନ କରାଇଥିଲେ ଆୟୁର୍ବେଦ ବିଶେଷଜ୍ଞ ଡା. ନାରାୟଣ ଚନ୍ଦ୍ର ଦାଶ। ସେହିପରି ଯୋଗଗୁରୁ ମନୋଜ ନାୟକ ଯୋଗଦେଇ ନିୟମିତ ଯୋଗ କରିବା ଦ୍ୱାରା ଶରୀର ସନ୍ତୁଳିତ ରହିଥାଏ ବୋଲି କହିଥିଲେ। କିନ୍ତୁ ବର୍ତ୍ତମାନ ଡାଇବେଟିକ ଓ ମୋଟାପା ସମସ୍ୟା ବିଶେଷ ଦେଖାଯାଉଥିବାରୁ ଆଖଣ୍ଡଳମଣି ଯୋଗ ଶିକ୍ଷା କେନ୍ଦ୍ର ପକ୍ଷରୁ ଆଖଣ୍ଡଳମଣି ମନ୍ଦିର ପ୍ରାଙ୍ଗଣରେ ମଧୁମେହ ରୋଗ ପାଇଁ ସ୍ୱତନ୍ତ୍ର ଯୋଗାସନ ଶିକ୍ଷା ପ୍ରଦାନ କରାଯାଉଛି।

# ସତ୍ୟବାଦୀ ସଙ୍ଗୀତ, ନୃତ୍ୟ ଉତ୍ସବ ଉଦ୍‌ଯାପିତ




ସତ୍ୟବାଦୀ ସଙ୍ଗୀତ, ନୃତ୍ୟଉତ୍ସବରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ସାକ୍ଷୀଗୋପାଳ, ୨୫।୧୨(ଡି.ଏନ୍.ଏ/ସ୍ୱ.ପ୍ର.)

ସତ୍ୟବାଦୀ ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ ୨ଦିନିଆ ସତ୍ୟବାଦୀ ସଙ୍ଗୀତ ଓ ନୃତ୍ୟଉତ୍ସବ ସାକ୍ଷୀଗୋପାଳ ପାଣ୍ଥଶାଳାରେ ରବିବାର ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁନୀଲ ପଣ୍ଡା ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପେଣ୍ଠପଡା ସରପଞ୍ଚ ଚନ୍ମୟ ରାଉତ ଏବଂ ଜୟପୁର ସରପଞ୍ଚ ଆରାଧନା ସାମନ୍ତରାୟ ଯୋଗଦେଇଥିଲେ। ଚଳିତବର୍ଷ ସତ୍ୟବାଦୀ ସଙ୍ଗୀତ ମହିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ରାମକୃଷ୍ଣ ଖୁଣ୍ଟିଆ ସ୍ମୃତି

**ସଙ୍ଗୀତଗୁରୁ ଅଚ୍ୟୁତଙ୍କୁ ରାମକୃଷ୍ଣ ସ୍ମୃତି ସମ୍ମାନ**

ସମ୍ମାନରେ ସଙ୍ଗୀତଗୁରୁ ଅଚ୍ୟୁତ ମହାରଣା, ବଂଶୀବାଦନ ପାଇଁ ବ୍ରଜ କିଶୋର ମହାପାତ୍ର, ମର୍ଦ୍ଦଳଗୁରୁ ମାନସ ଷଡ଼ଙ୍ଗୀ, ତଲାଗୁରୁ ବୈକୁଣ୍ଠ ସେଠି, ସଙ୍ଗୀତ ଗୁରୁ ଅଶୋକ ସାହୁ, ନୃତ୍ୟଗୁରୁ ଗଣେଶ ଚନ୍ଦ୍ର ସ୍ୱାଇଁଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ତିମ ଦିବସରେ କୁନି କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଅଞ୍ଜନ ହୋତା କାର୍ଯ୍ୟକ୍ରମ ସଂଯୋଜନ ଓ ଦୁର୍ଗାପ୍ରସାଦ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ବଡ଼ଦିନ ଲାଗି ବଢ଼ିଲା ଟ୍ରାଫିକ୍ ସମସ୍ୟା

**ସୂର୍ଯ୍ୟମନ୍ଦିର, ଚନ୍ଦ୍ରଭାଗା ଓ ରାମଚଣ୍ଡୀରେ ଲୋକାରଣ୍ୟ**

କୋଣାର୍କ,୨୫।୧୨(ଡି.ଏନ.ଏ.)



ବଡ଼ଦିନ ଅବସରରେ ସୂର୍ଯ୍ୟମନ୍ଦିରକୁ ପ୍ରବେଶ ପାଇଁ ପର୍ଯ୍ୟଟକ ଧାଡ଼ିରେ ଅପେକ୍ଷା କରିଛନ୍ତି।

ବଡ଼ଦିନ ଉପଲକ୍ଷେ ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କ, ଚନ୍ଦ୍ରଭାଗା ଓ ଦେବୀପୀଠ ରାମଚଣ୍ଡୀ ପୀଠ ଲୋକାରଣ୍ୟ ହୋଇଥିଲା। ଏଥି ଯୋଗୁ ଯାନବାହନ ଚଳାଚଳରେ ବାଧା ସୃଷ୍ଟି ହୋଇ ଗୁରୁତର ଟ୍ରାଫିକ ସମସ୍ୟା ଦେଖାଦେଇଛି। ଖବରରୁ ପ୍ରକାଶ ଯେ, ବଡ଼ଦିନ ପାଇଁ କୋଣାର୍କ, ଚନ୍ଦ୍ରଭାଗା ଓ ରାମଚଣ୍ଡୀ ପୀଠରେ ରବିବାର ସକାଳଠାରୁ ଆରମ୍ଭ କରି ଦିନତମାମ ଲକ୍ଷାଧିକ ପର୍ଯ୍ୟଟକଙ୍କ ସମାଗମ ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି କୋଣାର୍କ, ଚନ୍ଦ୍ରଭାଗା ଓ ରାମଚଣ୍ଡୀ ପୋଲିସ ବିଶେଷ କରି ପୁରୀ ଜିଲା ପୋଲିସ ପ୍ରଶାସନ ପକ୍ଷରୁ ପର୍ଯ୍ୟଟକଙ୍କ ସୁରକ୍ଷା ଓ ଟ୍ରାଫିକ ନିୟନ୍ତ୍ରଣ କରିବା ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା। ଟ୍ରାଫିକ ନିୟନ୍ତ୍ରଣ ନ ହେବାରୁ ଦୀର୍ଘ ସମୟ ସମୟ ପର୍ଯ୍ୟନ୍ତ ବେଳାଭୂମିରେ ଯାନବାହନ ଅଟକି ରହିଥିଲା। ଏପରିକି ସୂର୍ଯ୍ୟମନ୍ଦିରରେ ପର୍ଯ୍ୟଟକ ଲମ୍ବାଧାଡ଼ି କରି ଅପେକ୍ଷା କରି ରହିଥିବା ଦେଖିବାକୁ ମିଳିଥିଲା। ଅନ୍ୟପଟେ ଟିକେଟ ନ ମିଳିବା ଓ ଅନଲାଇନ କାମ ବେଳେବେଳେ ଫେଲ ହେବାରୁ ପର୍ଯ୍ୟଟକମାନେ ଲୁହାବାଡ ଡେଇ ମନ୍ଦିର ଭିତରକୁ ପ୍ରବେଶ କରୁଥିବା ଦେଖିବାକୁ ମିଳିଥିଲା। ଏହାକୁ ନେଇ ପର୍ଯ୍ୟଟକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ସୂର୍ଯ୍ୟମନ୍ଦିର, ଚନ୍ଦ୍ରଭାଗା ଭଳି କୋଣାର୍କ ନିକଟସ୍ଥ ପ୍ରସିଦ୍ଧ ଶକ୍ତିପୀଠ ମା' ରାମଚଣ୍ଡୀ ମନ୍ଦିରରେ ବଡ଼ଦିନ ଉପଲକ୍ଷେ ଭିଡ଼ ଦେଖିବାକୁ ମିଳିଥିଲା। ମା'ଙ୍କ ଦର୍ଶନ କରିବା ପାଇଁ ଭକ୍ତମାନଙ୍କର ସମାଗମ ସହ ପୂଜାର୍ଚ୍ଚନା କରିଥିଲେ। ପରେ ଉକ୍ତ ପୀଠରେ ଭୋଜି ଭାତର ଆସର ଜମାଇଥିଲେ। ଆଉ ୬ଦିନ ମଧ୍ୟରେ ନୂଆବର୍ଷ ପଡୁଥିବାରୁ ଟ୍ରାଫିକ ନିୟନ୍ତ୍ରଣ ଓ ସମ୍ବେଦନଶୀଳ ସ୍ଥାନରେ ଫୋର୍ସ ମୁତୟନ କରି ପର୍ଯ୍ୟଟକଙ୍କ ସୁରକ୍ଷା ଦିଗରେ ପୋଲିସ ପକ୍ଷରୁ ପଦକ୍ଷେପ ନିଆଯିବା ଜରୁରୀ ବୋଲି ପର୍ଯ୍ୟଟକଙ୍କ ମହଲରେ ଦାବି ହେଉଛି।

